ସାପ୍ତାହିକ
Postal Regd. No.: SBP/RN-01/2022-2024

# ସ୍ୱୀକାର

The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94

Vol.28 | Issue - 52 | 29 December - 4 January 2025 | Sambalpur | Pages- 8 | Invitation Price Rs.10

## ମୋଦିଙ୍କୁ ମିଳିଲା କୁଏତ୍‌ର ସର୍ବୋଚ୍ଚ ସମ୍ମାନ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁଏତ୍‌ର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ ହୋଇଛନ୍ତି । କୁଏତ୍‌ର ଅମୀର ଶେଖ ମିଶାଲ ଅଲ୍- ଅହମଦ୍ ଅଲ ଜବର ଅଲ୍ ସବା ମୋଦିଙ୍କୁ 'ଅର୍ଡର ଅଫ୍ ମୁବାରକ ଅଲ୍ କବୀର' ସମ୍ମାନ ପ୍ରଦାନ କରିଛନ୍ତି । ଏହି ସମ୍ମାନ ପାଇବାରେ ମୋଦି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ । ଏହାକୁ ମିଶାଇ ମୋଦିଙ୍କୁ ମୋଟ୍ ୨୦ ଅନ୍ତର୍ଜାତୀୟ ସମ୍ମାନ ମିଳିଲାଣି । କୁଏତର ସର୍ବୋଚ୍ଚ ସମ୍ମାନ ଅର୍ଡର ଅଫ୍ ମୁବାରକ୍ ଅଲ୍ କବୀର ଏକ ନାଇଟହୁଡ୍ ଅର୍ଡର । ଏହି ସମ୍ମାନ ବନ୍ଧୁତ୍ୱର ପ୍ରତୀକ ଭାବେ କୌଣସି ରାଷ୍ଟ୍ରର ମୁଖ୍ୟ କିମ୍ବା ବିଦେଶୀ ଶାସକ କିମ୍ବା ବିଦେଶୀ ରାଜ ପରିବାର ସଦସ୍ୟଙ୍କୁ ପ୍ରଦାନ କରାଯାଇଥାଏ । ପୂର୍ବରୁ ଏହି ସମ୍ମାନ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍, ଜର୍ଜ ବୁଶ୍ ଏବଂ ବ୍ରିଟେନର ପ୍ରିନ୍ସ ଚାର୍ଲ୍ସଙ୍କ ଭଳି ନେତାଙ୍କୁ ପ୍ରଦାନ କରାଯାଇଛି ।

## ମନମୋହନ ସିଂହଙ୍କ ପରଲୋକ

ନୂଆଦିଲ୍ଲୀ : ବିଶିଷ୍ଟ ଶିକ୍ଷାବିତ୍, ଅର୍ଥନୀତିଜ୍ଞ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କର ୯୨ ବର୍ଷ ବୟସରେ ପରଲୋକ ଘଟିଛି । ସେ କିଛି ଦିନ ଧରି ଅସୁସ୍ଥ ଥିଲେ । ସ୍ୱର୍ଗତ ନରସିଂହ ରାଓଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ କେନ୍ଦ୍ରରେ ଅର୍ଥ ମନ୍ତ୍ରୀ ଥିବାବେଳେ ତାଙ୍କର ଦିଗଦର୍ଶନରେ ଭାରତୀୟ ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଆସିଥିଲା । ୨୦୦୪ ମସିହାରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର କେନ୍ଦ୍ରରେ କ୍ଷମତାସୀନ ହେବାପରେ ମନମୋହନ ସିଂ ସର୍ବସମ୍ମତି କ୍ରମେ ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଥିଲା ଓ ସେ ଦୀର୍ଘ ୧୦ବର୍ଷ ଧରି ୨୦୧୪ ମସିହା ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ରହିଥିଲେ । ଉଦାରୀକରଣ ଓ ଜଗତୀକରଣ ଯୋଜନାକୁ କାର୍ଯ୍ୟକାରୀ କରି ସେ ଦେଶର ଅର୍ଥନୀତିକୁ ସୁଧାରିବାରେ ସଫଳ ହୋଇଥିଲେ । ନବେ ଦଶକରେ ଦେଶର ଅର୍ଥନୀତି ଭୁଶୁଡି ପଡିବା ଅବସ୍ଥାରେ ପହଞ୍ଚିଥିବା ବେଳେ ତାଙ୍କର ସମୟୋପଯୋଗୀ କାର୍ଯ୍ୟାନୁଷ୍ଠାନ ଏହି ସ୍ଥିତିକୁ ସମ୍ଭାଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ମୁଦ୍ରାସ୍ଫୀତି ଓ ବାଣିଜ୍ୟିକ ନିଅଣ୍ଟକୁ ନିୟନ୍ତ୍ରଣ କରିବାରେ ତାଙ୍କର ଅବଦାନ ପ୍ରଶଂସନୀୟ ରହିଥିଲା ।



ମନମୋହନଙ୍କ ଉଦ୍ୟମକ୍ରମେ ଦେଶର ଅର୍ଥନୀତି ସମାଜବାଦରୁ ପୁଞ୍ଜିବାଦ ଆଡକୁ ମୁହାଁଇଥିଲା ।

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ






# ନୃସିଂହ ଗୁରୁ ସ୍ମୃତି ସମିତିର ବିଭିନ୍ନ ପ୍ରତିଯୋଗିତାର ଫଳାଫଳ

ସମ୍ବଲପୁର : ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୪୧ ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ଥାନୀୟ ପଟ୍ଟନାୟକପଡ଼ା ସ୍ଥିତ ବ୍ରଜମୋହନ ପଟ୍ଟନାୟକ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଏବଂ ହେମନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ସମ୍ବଲପୁର ମହାନଗର ନିଗମର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୭୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।





କୁଇଜ୍ ମାଷ୍ଟର ଶ୍ରୀ ଶ୍ରୀକାନ୍ତ ଷଡ଼ଙ୍ଗୀଙ୍କ ପରିଚାଳନାରେ ଆୟୋଜିତ କଲେଜ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଅର୍ପିତା ମିଶ୍ର, ମାନସ ମିଶ୍ର, ସୌମ୍ୟ ସୌଭାଗ୍ୟ ବଳ ଓ ଗୋପରଞ୍ଜନ କୁମ୍ଭାର ନେଇ ଗଠିତ ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରଥମ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଶେଖର ଓରାମ, ହେନା ଓରାମ ଓ ପାୟଲ ଶର୍ମାଙ୍କୁ ନେଇ ଗଠିତ ଦଳ, ଗଙ୍ଗାଧର ମେହେର ହାଇୟର ସେକେଣ୍ଡରୀ ସ୍କୁଲ ରାଜଶ୍ରୀ ମୁନ୍ନା, ସୋନାଲି ସ୍ୱାଇଁ ଓ ଅନନ୍ୟା ସେଠ୍ ଗଠିତ ସମ୍ବଲପୁର ସରକାରୀ ମହିଳା କଲେଜ ଦଳ ଯୁଗ୍ମ ଭାବେ ଦ୍ୱିତୀୟ ହୋଇଥିଲେ । ହାଇସ୍କୁଲ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ନିଖିଳ କୁମାର ପୂଜାରୀ, ଶ୍ଳୋକ କିଶୋର ବେବର୍ତ୍ତା ଓ ଅଭିଷେକ ସ୍ୱାଇଁଙ୍କୁ ନେଇ ଗଠିତ ବୁଢ଼ାରଜା ସରକାରୀ ହାଇସ୍କୁଲ ଦଳ ପ୍ରଥମ, ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ଶୁଭଲକ୍ଷ୍ମୀ ସାହୁ ଦ୍ୱିତୀୟ, ସେଣ୍ଟ ଯୋଶେଫ୍ କନଭେଣ୍ଟ ହାଇୟର ସେକେଣ୍ଡାରୀ ସ୍କୁଲର ଶକ୍ତି ମହାପାତ୍ର ଏବଂ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିବମ କୁମାର ମେହେର ଏବଂ ସ୍ୱସ୍ତିକ ପ୍ରଧାନଙ୍କୁ ନେଇ ଗଠିତ ଦଳ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଜୁନିଅର ଗ୍ରୁପ୍‌ରେ ସ୍ୱସ୍ତିକ ବାରିକ, ରାଜ ରିଶଭ ମହାନ୍ତି, ମଦନ ମୋହନ ଦାଶ ଏବଂ କ୍ରିଷ୍ଣା ପଟେଲଙ୍କୁ ନେଇ ଗଠିତ ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦଳ ପ୍ରଥମ, ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅମ୍ରିତା ମିଶ୍ର ଦ୍ୱିତୀୟ, ଅମିତ ମାଝୀ, ଉଜ୍ଜ୍ୱଳ ଶର୍ମା ଏବଂ ପ୍ରତୀକ ନାୟକଙ୍କୁ ନେଇ ଗଠିତ ବୁଢ଼ାରଜା ସରକାରୀ ହାଇସ୍କୁଲ ତୃତୀୟ ହୋଇଛନ୍ତି । ଏହି ପ୍ରତିଯୋଗିତାରେ କୁଇଜ୍ ମାଷ୍ଟରଙ୍କୁ ରାଜେନ୍ଦ୍ର ଶତନାମି ସ୍କୋରର ଭାବେ ସହଯୋଗ କରିଥିଲେ ।

ସଙ୍ଗୀତ ପ୍ରତିଯୋଗିତାର ସବ୍ ଜୁନିୟର ବିଭାଗରେ ଟାଇଟିଲ ଷ୍ଟାର ପ୍ଲେ ସ୍କୁଲର ଶ୍ୟାମ ପଣ୍ଡା ପ୍ରଥମ, ମଦନାବତି ପବ୍ଲିକ ସ୍କୁଲର ଶ୍ରେୟାଂଶ୍ରୀ ପାଣିଗ୍ରାହୀ ଦ୍ୱିତୀୟ ଓ ସିନ୍ଦୁରପଙ୍କର ଅରବିନ୍ଦ ସ୍କୁଲର ଆୟୁଷ୍ମାନ ସାହୁ ତୃତୀୟ ହୋଇଛନ୍ତି । ସେହିପରି ଜୁନିୟର ଗ୍ରୁପ୍‌ରେ ଶ୍ରୀ ଅରବିନ୍ଦ ସ୍କୁଲର ଚିନ୍ମୟୀ ସାହୁ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ମନସ୍ମିନୀ ପ୍ରଧାନ ଦ୍ୱିତୀୟ ଏବଂ ସେଣ୍ଟ ଯୋଶେଫ୍ କନଭେଣ୍ଟ ହାଇୟର ସେକେଣ୍ଡାରୀ ସ୍କୁଲର ଅଦ୍ୱୈତା ମିଶ୍ର ଓ କେନ୍ଦ୍ରୀୟ ବିଦ୍ୟାଳୟର ଶୁଭଲକ୍ଷ୍ମୀ ବେହେରା ଯୁଗ୍ମ ଭାବେ ଦ୍ୱିତୀୟ ହୋଇଛନ୍ତି । ସିନିଅର ଗ୍ରୁପ୍‌ରେ ଶ୍ରୀ ଅରବିନ୍ଦ ସ୍କୁଲର ସୁଶ୍ରୀ ଶ୍ରଦ୍ଧା ମିଶ୍ର ପ୍ରଥମ, ସେଣ୍ଟ ଯୋଶେଫ୍ କନଭେଣ୍ଟ ହାଇୟର ସେକେଣ୍ଡାରୀ ସ୍କୁଲର ପ୍ରେରଣା ଚୌଧୁରୀ ଦ୍ୱିତୀୟ, ଚିପିଲିମା ସରକାରୀ ହାଇସ୍କୁଲର ସ୍ୱୟଂ ସିଦ୍ଧା ନାୟକ ଏବଂ ଧନୁପାଲିର ଶ୍ରୀ ଗଣେଶ ହାଇସ୍କୁଲର ସାହିଲ ବେହେରା ଯୁଗ୍ମ ଭାବେ ତୃତୀୟ ହୋଇଛନ୍ତି । କଲେଜ ସ୍ତରୀୟ ପ୍ରତିଯୋଗିତାରେ ମଦନାବତି କଲେଜର ଦେବାଂଶି ଷଡ଼ଙ୍ଗୀ ପ୍ରଥମ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରତୀ ପରିଡ଼ା ଦ୍ୱିତୀୟ ହୋଇଛନ୍ତି ।

ଗୀତାଶ୍ଳୋକ ଆବୃତ୍ତି ପ୍ରତିଯୋଗିତାର ସବ୍‌ଜୁନିଅର ଗ୍ରୁପ୍‌ରେ ବିଶ୍ୱାତ୍ମ ବିଦ୍ୟାମନ୍ଦିରର ଅର୍ଣ୍ଣବ ଗୁପ୍ତା ପ୍ରଥମ ହୋଇଥିବା ବେଳେ ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପୁରନ ଗର୍ଡିଆ ଓ ଭାଗ୍ୟଶ୍ରୀ ନାୟକ ଯୁଗ୍ମ ଭାବେ ଦ୍ୱିତୀୟ ଓ ମୁସ୍ତାଫିଜ୍ ଖାଁ ତୃତୀୟ ହୋଇଛନ୍ତି । ଜୁନିଅର ଗ୍ରୁପ୍‌ରେ ଶ୍ରୀ ଅରବିନ୍ଦ ସ୍କୁଲର ରୋହନ କୁମାର ସେନାପତି ପ୍ରଥମ ଏବଂ ବିଶ୍ୱାତ୍ମ ବିଦ୍ୟାମନ୍ଦିରର ଅଙ୍କିତା ସାହୁ ଓ ବିଶ୍ୱନାଥ ପଣ୍ଡା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ସିନିଅର ଗ୍ରୁପ୍‌ରେ ସେଭେନ୍ ହିଲ୍ ରେସିଡେନସିଆଲ ସ୍କୁଲର ମୃଣ୍ମୟୀ ପ୍ରଧାନ ପ୍ରଥମ, ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅମ୍ରିତା ମିଶ୍ର ଦ୍ୱିତୀୟ ଏବଂ ଚିପିଲିମା ହାଇୟର ସେକେଣ୍ଡାରୀ ସ୍କୁଲର ସ୍ୱୟଂସିଦ୍ଧା ନାୟକ ତୃତୀୟ ହୋଇଛନ୍ତି ।





ବକ୍ତୃତା ପ୍ରତିଯୋଗିତାର ଜୁନିଅର ଗ୍ରୁପରେ କେନ୍ଦ୍ରୀୟ ବିଦ୍ୟାଳୟର ଅନନ୍ୟା ମହାନନ୍ଦ ଓ ସୁଗନ୍ଧା ବିଶ୍ୱାସ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଲେଡିଲୁଇସ୍ ବାଳିକା ବିଦ୍ୟାଳୟର ଆୟୁଷି ବେହେରା ତୃତୀୟ ହୋଇଛନ୍ତି ।

ସିନିଅର ଗ୍ରୁପ୍‌ରେ ଶାସନର ବିକାଶ ଦି' କନସେପ୍ଟ ସ୍କୁଲର ଅନନ୍ୟା ପତି ପ୍ରଥମ, ପରମାଣପୁରର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍ନେହାରାଣୀ ମିଶ୍ର ଦ୍ୱିତୀୟ ଏବଂ ଶାସନର ବିକାଶ ଦି' କନସେପ୍ଟ ସ୍କୁଲର ଅନ୍ୱେଷା ପାଣିଗ୍ରାହୀ ତୃତୀୟ ହୋଇଛନ୍ତି । ଏନଏସ୍‌ସିବି କଲେଜର ଜ୍ୟୋତିର୍ମୟୀ ପ୍ରଧାନ ସ୍ୱତନ୍ତ୍ର ପୁରସ୍କାର ପାଇଛନ୍ତି ।

ପ୍ରବନ୍ଧ ଲିଖନ ପ୍ରତିଯୋଗିତାର ଜୁନିୟର ଗ୍ରୁପ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟର ଅନନ୍ୟା ମହାନନ୍ଦ ପ୍ରଥମ, ଲେଡିଲୁଇସ୍ ଗାର୍ଲ୍ସ ହାଇସ୍କୁଲର ଭୂମିସ୍ମିତା ବିଶ୍ୱାଳ ଦ୍ୱିତୀୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ସୁଗନ୍ଧା ବିଶ୍ୱାସ ତୃତୀୟ ହୋଇଥିବା ବେଳେ ସିନିୟର ଗ୍ରୁପ୍‌ରେ ଲେଡିଲୁଇସ୍ ବାଳିକା ସ୍କୁଲର ସୁଭଲକ୍ଷ୍ମୀ ସାହୁ ପ୍ରଥମ, ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସ୍ନେହମୟୀ ମହାପାତ୍ର ଦ୍ୱିତୀୟ ଏବଂ ଲେଡିଲୁଇସ୍ ବାଳିକା ସ୍କୁଲର ରାଜେଶ୍ୱରୀ ମେହେର ତୃତୀୟ ହୋଇଛନ୍ତି । କଲେଜ ସ୍ତରୀୟ ପ୍ରତିଯୋଗିତାରେ ବିକାଶ ହାଇୟର ସେକେଣ୍ଡାରୀ ସ୍କୁଲର ଶ୍ରୁତିସ୍ମିତା ମେଣ୍ଡଲୀ ପ୍ରଥମ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ତୁଳସୀ ଶର୍ମା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ।



ଚିତ୍ରାଙ୍କନ ପ୍ରତିଯୋଗିତାର କେ.ଜି ଓ ନର୍ସରୀ ଗ୍ରୁପରେ ଲିଟିଲ ଷ୍ଟାର ପ୍ଲେ ହୋମ୍‌ର ସାନ୍ୟା ପଣ୍ଡା ପ୍ରଥମ, ଜେକ୍ ଏଣ୍ଡ ଜିଲ୍ ସ୍କୁଲର ଆସ୍ଥା ଜେନା ଦ୍ୱିତୀୟ, ମାଇଁ ଛାଟା ସ୍କୁଲର ଇପ୍‌ସିତା ସାହୁ ତୃତୀୟ ହୋଇଛନ୍ତି । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ବର୍ଗରେ ଗୁରୁ ନାନକ ପବ୍ଲିକ ସ୍କୁଲର ମଧୁମନ୍ତ ବାରିକ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଶ୍ରେୟାଂଶ୍ରୀ ଗିରି ଦ୍ୱିତୀୟ ଓ ସେଣ୍ଟଯୋଶେଫ୍ କନଭେଣ୍ଟ ହାଇୟର ସେକେଣ୍ଡାରି ସ୍କୁଲର ରିତିକା ବିଶ୍ୱାଳ ତୃତୀୟ ହୋଇଛନ୍ତି । ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ ବର୍ଗରେ ଗୁରୁନାନକ ପବ୍ଲିକ ସ୍କୁଲର ସ୍ୱସ୍ତିକା ପ୍ରଧାନ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ପ୍ରୟାଗ କୁମାର ଦାଶ ଓ ସାରସ୍ ରଞ୍ଜନ ଜେନା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ସେହିପରି ପଞ୍ଚମ ଓ ଷଷ୍ଠ ଶ୍ରେଣୀ ବର୍ଗରେ ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟର ଅଙ୍କିତା ପ୍ରିୟଦର୍ଶିନୀ ପ୍ରଥମ, ମନସ୍ୱିନୀ ପ୍ରଧାନ ଦ୍ୱିତୀୟ, ଅନୁପ୍ରଭା ବେହେରା ଓ ସୁଗନ୍ଧା ବିଶ୍ୱାସ ଯୁଗ୍ମ ଭାବେ ତୃତୀୟ ହୋଇଛନ୍ତି । ସପ୍ତମ ଓ ଅଷ୍ଟମ ଶ୍ରେଣୀ ବର୍ଗରେ ଲେଡିଲୁଇସ୍ ବାଳିକା ବିଦ୍ୟାଳୟର ଶ୍ରାବଣୀ ସାହୁ ପ୍ରଥମ, ବିକାଶ ଦି କନସେପ୍ଟ ସ୍କୁଲର ସୁବ୍ରତ ପ୍ରଧାନ ଦ୍ୱିତୀୟ ଏବଂ ଗୁରୁନାନକ ପବ୍ଲିକ ସ୍କୁଲର ଅନୁରାଗ ବାରିକ ତୃତୀୟ ହୋଇଛନ୍ତି । ନବମ ଓ ଦଶମ ଶ୍ରେଣୀ ବର୍ଗରେ ବୁଢ଼ାରଜା ସରକାରୀ ହାଇସ୍କୁଲର ଚିରିସ୍ମିତା ମୁଦୁଲି ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଅର୍ପିତ ପାଢ଼ୀ ଦ୍ୱିତୀୟ ଏବଂ ବୁଢ଼ାରଜା ହାଇସ୍କୁଲର ମନିଷା ମାଝୀ ତୃତୀୟ ହୋଇଛନ୍ତି । କଲେଜ ସ୍ତରୀୟ ପ୍ରତିଯୋଗିତାରେ ବିକାଶ ହାଇୟର ସେକେଣ୍ଡାରୀ ସ୍କୁଲର ପ୍ରଭାତୀ ନାୟକ ପ୍ରଥମ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୁବ୍ରତ ଜେନା ଦ୍ୱିତୀୟ ଏବଂ ବିକାଶ ହାଇୟର ସେକେଣ୍ଡାରୀ ସ୍କୁଲର ଭାଗ୍ୟଶ୍ରୀ ପଣ୍ଡା ତୃତୀୟ ହୋଇଛନ୍ତି । କଳା ଶିକ୍ଷକ ରାଧାରମଣ ମୁଦୁଲି ଖାତାଗୁଡିକର ମୁଲ୍ୟାୟନ କରିଥିଲେ ।

ଇଂରାଜୀ ହସ୍ତଲିଖନ ପ୍ରତିଯୋଗିତାର ସବ୍ ଜୁନିୟର ଗ୍ରୁପ୍‌ରେ ବିକାଶ ଫାଷ୍ଟ ଷ୍ଟେପ୍‌ର ଅକ୍ଷୀତା ସାହୁ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଜିଜ୍ଞାସୁ ଦାଶ ଦ୍ୱିତୀୟ ଏବଂ ସେଣ୍ଟ ଯୋଶେଫ୍ କନଭେଣ୍ଟ ହାଇୟର ସେକେଣ୍ଡାରୀ ସ୍କୁଲର ଦୀକ୍ଷିତା ସାହୁ ତୃତୀୟ ହୋଇଛନ୍ତି । ସେହିପରି ଜୁନିୟର ଗ୍ରୁପ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟର ଅନୁପ୍ରଭା ବେହେରା ପ୍ରଥମ, ଗୁରୁନାନକ ପବ୍ଲିକ ସ୍କୁଲର ସ୍ୱସ୍ତିକା ପ୍ରଧାନ ଦ୍ୱିତୀୟ ଏବଂ ବଟେମୁରାର ଏସ.ଏ.ଆଇ.ଏସ.ଏନ୍‌ର କାମ୍ୟା ସାହୁ ତୃତୀୟ ହୋଇଛନ୍ତି । ସିନିୟର ଗ୍ରୁପ୍‌ରେ ଗୁରୁନାନାକ ପବ୍ଲିକ ସ୍କୁଲର ଅଂଶିକା ବନ୍ୟା ପ୍ରଥମ, ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆରାଧନା ମହାରଣା ଦ୍ୱିତୀୟ ଏବଂ

**ଅବଶିଷ୍ଟାଂଶ ୭ମ ପୃଷ୍ଠାରେ**



# ରାମାୟଣ କଥା : ଆଦର୍ଶ ଅନୁଜ



ଡ଼ଃ ପ୍ରମୋଦ କୁମାର ପଣ୍ଡା

ରଘୁକୁଳ ବଂଶଜ ଲକ୍ଷ୍ମଣ । ଦଶରଥଙ୍କ ତୃତୀୟ ପୁତ୍ର । ଶେଷନାଗଙ୍କ ଅବତାର । ସୁମିତ୍ରା ନନ୍ଦନ ସୌମେତ୍ର । ରାମଙ୍କ ଅନୁଜ, ରାମାନୁଜ ଉପାଧି ମଣ୍ଡିତ । ଶ୍ରୀମଦରାମାୟଣର ଚଉରାଳିଶ ପ୍ରମୁଖ ପାତ୍ର ମଧରୁ ଅନ୍ୟତମ । ରାମଚନ୍ଦ୍ର କାୟା ହେଲେ, ଲକ୍ଷ୍ମଣ ଛାୟା । ପିଣ୍ଡ ହେଲେ ପ୍ରାଣ । ତନ ହେଲେ ମନ । ଭିନ୍ନ ଶରୀର, କିନ୍ତୁ ଅଭିନ୍ନ ଆତ୍ମା । ଶରୀରର ଚକ୍ଷୁ ସଦୃଶ । ଗୋଟେ କାନ୍ଦିଲେ ଅନ୍ୟଟି କାନ୍ଦେ । ଗୋଟେ ହସିଲେ ଅନ୍ୟଟି ହସେ । ସୂର୍ଯ୍ୟ ଠାରୁ ଉଷ୍ଣତା ଓ ଜଳ ଠାରୁ ଶୀତଳତାକୁ ଭିନେ କରିବା ଯିମିତି ଅସମ୍ଭବ, ଠିକ୍ ସେମିତି ଆରାଧ ଅଗ୍ରଜ ରାମଙ୍କ ଠାରୁ ଆଦର୍ଶ ଅନୁଜ ଲକ୍ଷ୍ମଣଙ୍କର । ସିୟାବରଙ୍କଠୁଁ ଉର୍ମିଳାର୍ଯ୍ୟପୁତ୍ରଙ୍କର ।

ତାଡକାସୁରାଦି ବଧ ସକାଶେ ଋଷି ବିଶ୍ୱାମିତ୍ର ଅଯୋଧାଧିପତି ଦଶରଥଙ୍କୁ ଆଗ୍ରହ କରନ୍ତି ରାମଚନ୍ଦ୍ରଙ୍କ ସହାୟତା ପାଇଁ । କିନ୍ତୁ ସ୍ୱେଚ୍ଛାରେ ସାହଚର୍ଯ୍ୟ ଲୋଡିଲେ ଲକ୍ଷ୍ମଣ । ଚଉଦବର୍ଷ ବନବାସ ମିଳେ ଶ୍ରୀରାମଙ୍କୁ । ଅପିତୁ ତାଙ୍କ ସହ ସ୍ୱେଚ୍ଛାରେ ବନବାସୀ ହୁଅନ୍ତି ଲକ୍ଷ୍ମଣ । ସେବା ସାମ୍ନାରେ ପାରିବାରିକ ସୁଖ ଥିଲା ତାଙ୍କ ପାଇଁ ବିଷତୁଲ୍ୟ । ବୈରାଗ୍ୟ, ବୈବାହିକ ଜୀବନାପେକ୍ଷା ସୁଧାମୟ । ସମର୍ପଣ ଥିଲା ତାଙ୍କ ସ୍ୱଭାବ । ସହଜାତ । ଭାଇ ଭାଉଜ ତାଙ୍କ ପାଇଁ ସବୁକିଛି । ସର୍ବୋପରି । ସୀତାରାମଙ୍କ ସୁରକ୍ଷା ଥିଲା ତାଙ୍କରି ଦାୟିତ୍ୱ । ସୁମିତ୍ରା ମାତାଙ୍କ ଆଦେଶ । ନିଜ ଭାଗର ନିଦ ପତ୍ନୀଙ୍କୁ ଦେଇ ଚଉଦ ବର୍ଷ ଅନିଦ୍ରା ରହିଲେ ସେ । ଅତିରିକ୍ତ ନିଦ୍ରା ସଶ୍ରଦ୍ଧ ଗ୍ରହଣ କରି ପତି ଅନୁରକ୍ତିର ପ୍ରମାଣ ଦେଇଥିଲେ ପତ୍ନୀ ଉର୍ମିଳା । ଦୀର୍ଘ ଚଉଦ ବର୍ଷ ସୁଶୁପ୍ତାବସ୍ଥାଗତ ହେଲେ ଉର୍ମିଳା । ଜାଗ୍ରତାବସ୍ଥା ଲଭିଲେ ଲକ୍ଷ୍ମଣ । ବନବାସ ଅନ୍ତେ ବିରାମ ପଡିଥିଲା ନିଦ୍ରାଦେବୀଙ୍କ ବରଦାନରେ । ନିଦ୍ରା ଗଲେ ଲକ୍ଷ୍ମଣ । ବଞ୍ଚିତ ହେଲେ ଭାଇ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଦର୍ଶନରୁ ।

ଲକ୍ଷ୍ମଣଙ୍କ ଭ୍ରାତୃ ପ୍ରେମର ପଟାନ୍ତର ନାହିଁ । ନିଷ୍କାମ ଅପାର ଭକ୍ତି । ସୀମାହୀନ ସେବା, ସମର୍ପଣ, ସମ୍ମାନ, ସହଯୋଗ ଏବଂ ସାହଚର୍ଯ୍ୟ । ଭ୍ରାତୃ ବଳଂ ବିନା ନାନ୍ୟ ବଳଂକୁ ସମ୍ପୂର୍ଣ୍ଣ ପୁଷ୍ଟ କରେ ଲକ୍ଷ୍ମଣଙ୍କ ଚିନ୍ତନ ଓ ଚରିତ୍ର । କାର୍ଯ୍ୟ ସମ୍ପାଦନା ଶୈଳୀ । ଅନୁଚିନ୍ତା, ଉଚ୍ଚାରଣ ଓ ଆଚରଣ । ଅଟଳ ମେରୁ ସଦୃଶ ସଦୈବ ଭାଇ ପାଖେ ଉଭା । ଦଣ୍ଡାୟମାନ ଆଦେଶ ଅପେକ୍ଷାରେ । ମୁନି ଋଷିଙ୍କ ଯଜ୍ଞ ରକ୍ଷା ହେଉ କିମ୍ୱା ରାକ୍ଷସ ବଧ । ରାମ ପର୍ଶୁରାମ ସମ୍ବାଦ ହେଉ କିମ୍ୱା ମାତା ସୀତା ଅନ୍ୱେଷଣ । ହନୁମାନ ଭେଟ ହେଉ କିମ୍ୱା ସୁଗ୍ରୀବଙ୍କ ସହ ମିତ୍ରତା । ମହାବଳି ବାଳୀ ବଧ ହେଉ କିମ୍ୱା ରାବଣ ନିପାତ । ରାମରକ୍ଷା ନିମିତ୍ତ ସର୍ବଦା ସଜ । ରାମଚନ୍ଦ୍ରଙ୍କ ସଙ୍କଟ ମୋଚନ ପାଇଁ ସଦୈବ ପ୍ରସ୍ତୁତ । ମେଘନାଦ ଠାରୁ ପରାସ୍ତ ହେବାପରେ ମଧ ତାଙ୍କର ଆତ୍ମବିଶ୍ୱାସ ଅତୁଟ । ରାମଙ୍କ ଶକ୍ତିରେ ଅଗାଧ ବିଶ୍ୱାସ ।

ଲକ୍ଷ୍ମଣ ଥିଲେ ନ୍ୟାୟବନ୍ତ । କିନ୍ତୁ ଉଗ୍ରକୋପୀ । ସୂର୍ପଣଖାର ନାସିକା ଛେଦନ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଅନ୍ୟାୟ ଓ କୁକର୍ମ ଦେଖିଲେ କୋପରେ କମ୍ପିତ ହୁଅନ୍ତି ଲକ୍ଷ୍ମଣ । ତାଙ୍କରି କୋପରେ ପ୍ରକମ୍ପିତ ହୁଏ ସସାଗର ଧରା । ଚତୁର୍ମାସ୍ୟା ପରିସମାପ୍ତି ପରେ ମଧ କିସ୍କିନ୍ଧ୍ୟାଧିପତି ବାନର ରାଜ ସୁଗ୍ରୀବଙ୍କ ସୀତାନ୍ୱେଷଣରେ ଅହେତୁକ ବିଳମ୍ବରେ ଅତିଷ୍ଠ ଲକ୍ଷ୍ମଣଙ୍କ ଯଥାର୍ଥ କ୍ରୋଧରେ ବୀର ବଜରଙ୍ଗବଳି ମଧ ଥିଲେ ଅତ୍ୟନ୍ତ ଶଙ୍କିତ । ତାଙ୍କ ବୁଦ୍ଧିମତ୍ତା ଏବଂ ତାରାଙ୍କ ନମ୍ର ହସ୍ତକ୍ଷେପ ସେଦିନ ରକ୍ଷା କରିଥିଲା ସୁଗ୍ରୀବ ଏବଂ ତାଙ୍କ ସମଗ୍ର ସାମ୍ରାଜ୍ୟକୁ । ନଚେତ ପରିସ୍ଥିତି ହୋଇଥାନ୍ତା ଭୟଙ୍କର ଓ ବିନାଶକାରୀ । ପ୍ରବଳ ପରାକ୍ରମୀ ଲକ୍ଷ୍ମଣଙ୍କ କ୍ରୋଧାଗ୍ନିରେ ଭସ୍ମୀଭୂତ ହୋଇଥାନ୍ତା କିସ୍କିନ୍ଧ୍ୟା ।

ଲକ୍ଷ୍ମଣ ଥିଲେ କର୍ତ୍ତବ୍ୟନିଷ୍ଠ, ସତ୍ୟପ୍ରିୟ, ନିଷ୍କପଟ ଓ ନିରପେକ୍ଷ । ନାରୀ ପ୍ରତି ଥିଲା ତାଙ୍କର ଯଥେଷ୍ଟ ସମ୍ମାନ । ମାତା କୌଶଲ୍ୟା, କୈକେୟୀ ଓ ସୁମିତ୍ରାଙ୍କୁ ସିଏ ଯେତିକି ସ୍ନେହ କରୁଥିଲେ ତାଠାରୁ ଅଧିକ ସମ୍ମାନ ପ୍ରଦର୍ଶନ କରୁଥିଲେ । ପତ୍ନୀ ଉର୍ମିଳାଙ୍କ ପ୍ରତି ତାଙ୍କର ପ୍ରେମ ଥିଲା ଅନାବିଳ । ସତୀ ସୀତା ମାତା ଠାରୁ କମ ନ ଥିଲେ ତାଙ୍କପାଇଁ । ଲକ୍ଷ୍ମଣ ଥିଲେ ସୀତା ମାତାଙ୍କ ଅଜ୍ଞାଧୀନ ପୁତ୍ର । ଅବଜ୍ଞା ଏବଂ ଅବମାନନା ଥିଲା ତାଙ୍କ ପାଇଁ ନିୟମ ବିରୁଦ୍ଧ, ପାପ । ମାରିଚ ଡାକ ମାୟା ବୋଲି ଅବିଦିତ ନଥିଲେ ସେ । ରାମଚନ୍ଦ୍ରଙ୍କ ପରାକ୍ରମ ତାଙ୍କୁ ବେଶ ଜଣା ଥିଲା । ଅପିତୁ ମାତାଜ୍ଞା ପାଳନରେ ବିବଶ ଲକ୍ଷ୍ମଣ ଭାଇଙ୍କ ନିର୍ଦ୍ଦେଶାବମାନନା କରିବାକୁ ବାଧ ହୋଇଥିଲେ । ମାତାଙ୍କୁ ଏକଲା ନଛାଡି ଛାଡିଯାଇଥିଲେ ଏକ ଅଦୃଷ୍ଟ ରକ୍ଷକ । ଶକ୍ତିଶାଳୀ ଲକ୍ଷ୍ମଣ ରେଖା ।

ଅପହୃତା ମାତା ସୀତାଙ୍କ ଆଭୂଷଣ ଦେଖି ଅତ୍ୟନ୍ତ ଭାବବିହ୍ୱଳ ହୋଇ ପଡ଼ିଥିଲେ ରାମଚନ୍ଦ୍ର । ଆଭୂଷଣ ଚିହ୍ନିବାକୁ ଆଗ୍ରହ କରିଥିଲେ ଲକ୍ଷ୍ମଣଙ୍କୁ । କିନ୍ତୁ ମାତାଙ୍କ ଆଭୂଷଣ ସେ କେବେ ଦେଖିନାହାନ୍ତି କହିଲେ ଲକ୍ଷ୍ମଣ । ପ୍ରତ୍ୟହ ମାତାଙ୍କ ପାଦ ସ୍ପର୍ଶ କରି ଆଶୀର୍ବାଦ ନେବା ସୁଯୋଗ ମିଳୁଥିବାରୁ କେବଳ ସେ ମାତାଙ୍କ ପାଉଜି ଦେଖିଛନ୍ତି ଏବଂ ଏ ପାଉଜି ତାଙ୍କର ଏଥିରେ ମୁଁ ନିଶ୍ଚିତ । ଲକ୍ଷ୍ମଣଙ୍କ କଥା ଶୁଣି ଶ୍ରଦ୍ଧାର ସହିତ ତାଙ୍କୁ ଗଳାରେ ଲଗେଇଥିଲେ ରାମଚନ୍ଦ୍ର । ମାତୃ ରୂପୀ ସୀତାଙ୍କ ପ୍ରତି ଲକ୍ଷ୍ମଣଙ୍କ ସମ୍ମାନର ଏହା ଥିଲା ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ।

ଲକ୍ଷ୍ମଣଙ୍କ ନିଷ୍ଠାପର ଜୀବନ ପ୍ରତିବିମ୍ବିତ ହୁଏ ତାଙ୍କରି ସଂସ୍କାର ଓ ସତ୍କର୍ମରେ । ଏକଦା କାଳ କୌଣସି ଏକ ବିଶେଷ କାର୍ଯ୍ୟରେ ଆସନ୍ତି ମହାରାଜ ରାମଚନ୍ଦ୍ରଙ୍କ ପାଖକୁ । ଭାଇଙ୍କ ଆଦେଶ ମୁତାବକ ଦ୍ୱାର ଜଗନ୍ତି ଲକ୍ଷ୍ମଣ । ଭିତରେ ପ୍ରବେଶ ସମ୍ପୂର୍ଣ୍ଣ ମନା । ବିଧିର ବିଧାନ ଭିନ୍ନ । ଦୁର୍ବାସା ରାମଚନ୍ଦ୍ରଙ୍କୁ ସାକ୍ଷାତ କରିବାକୁ ଆସି ଲକ୍ଷ୍ମଣଙ୍କ ପ୍ରତିରୋଧର ସମ୍ମୁଖୀନ ହୁଅନ୍ତି । କ୍ରୋଧାନ୍ୱିତ ଦୁର୍ବାସା ତାଙ୍କ ଆଗମନ ବାର୍ତ୍ତା ତତକ୍ଷଣାତ ରାମଙ୍କୁ ନଦେଲେ ସମଗ୍ର ଅଯୋଧାବାସୀଙ୍କୁ ଅଭିଶାପ ଦେବାର ଚେତାବନୀ ଦିଅନ୍ତି । ନିରୁପାୟ ଲକ୍ଷ୍ମଣ ଋଷି ଦୁର୍ବାସାଙ୍କ ଅଭିଶାପରୁ ଅଯୋଧାବାସୀଙ୍କୁ ରକ୍ଷା କରିବାକୁ ଯାଇ ରାଜାଜ୍ଞା ଅବମାନନା କରନ୍ତି । ମୃତ୍ୟୁଦଣ୍ଡର ଭାଗୀ ହୁଅନ୍ତି । ମହର୍ଷି ବଶିଷ୍ଠଙ୍କ ଉପଦେଶାନୁସାରେ ଲକ୍ଷ୍ମଣଙ୍କୁ ତ୍ୟାଗ କରନ୍ତି ରାମଚନ୍ଦ୍ର । ଭାଇଙ୍କ ବଚନ ରକ୍ଷା କରିବାରେ ଅସମର୍ଥ ଲକ୍ଷ୍ମଣ ସରଜୁ ନଦୀରେ ଜଳ ସମାଧି ନିଅନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ଲକ୍ଷ୍ମଣଙ୍କ ଭ୍ରାତୃ ଭକ୍ତି । ଆଦର୍ଶ ଅନୁଜର ଆନୁଗତ୍ୟ । ସାମ୍ପ୍ରତିକ ସମାଜରେ ସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ବିପରୀତ । ଭାଇ ପ୍ରତି ଭାଇର ନା ଅଛି ସ୍ନେହ ନା ସମ୍ମାନ । ଭାଇ ସାଜୁଛି ଭାଇର ଭଗାରୀ । ସହୋଦରୀୟ ସୌହାର୍ଦ୍ଦ୍ୟ ସ୍ୱର୍ଗ ସୃଷ୍ଟି କରିପାରନ୍ତା । ହେଲେ ବୁଝୁଛି କିଏ ?

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,**

**ସମ୍ବଲପୁର**

# ପକ୍ଷୀମାନଙ୍କ ବସାର ରୋଚକ ସଂସାର

ଖାଦ୍ୟ, ବସ୍ତ୍ର ଓ ବାସଗୃହ- ଏ ତିନିଟି ହେଉଛି ଧରିତ୍ରୀରେ ପ୍ରତ୍ୟେକ ପ୍ରାଣୀଙ୍କର ମୌଳିକ ଆବଶ୍ୟକତା । ମନୁଷ୍ୟ ନିଜର ବୁଦ୍ଧି-ଚାତୁର୍ଯ୍ୟ ଓ ବରିଷ୍ଠତା ଆଧାରରେ ଏହି ତିନିଟିର ବିଶେଷ ସରଞ୍ଜାମ ଯୋଗାଡ଼ରେ ଲାଗି ରହିଥାଏ । ବାସଗୃହ ବିଷୟରେ ଚର୍ଚ୍ଚା କରିବା, ତ ମନୁଷ୍ୟ ନିଜର ବୌଦ୍ଧିକ କୌଶଳର ଆଧାରରେ ଏକରୁ ବଳି ଆରେକ ଆଡ଼ମ୍ବରପୂର୍ଣ୍ଣ ଘର, ବଙ୍ଗଳା ଆଦି ନିର୍ମାଣ କରି ବସିଛି । ଯଦ୍ୟପି ସମୟ କ୍ରମେ ସେସବୁ ଧ୍ୱଂସସ୍ତୂପରେ ପରିଣତ ହୋଇଥାଏ ଏବଂ ପର୍ଯ୍ୟାବରଣର କଷଟିରେ ଅଧିକାଂଶ ସଠିକ୍ ପ୍ରମାଣିତ ହୋଇ ନଥାଏ ।

ଅନ୍ୟ ପ୍ରାଣୀମାନଙ୍କ ମଧରେ ପକ୍ଷୀମାନେ ମଧ ନିଜର ପ୍ରାକୃତିକ ବୁଦ୍ଧି ଆଧାରରେ ନିଜର ବସାଗୁଡ଼ିକର ବ୍ୟବସ୍ଥା କରିଥାନ୍ତି । ଏମାନଙ୍କ ମଧରୁ କେତେକଙ୍କର ଈଶ୍ୱର ପ୍ରଦତ୍ତ ଜନ୍ମଜାତ କୌଶଳ ବଡ଼ ଅଦ୍‌ଭୁତ ହୋଇଥାଏ । ସୁବିଧା ଓ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କର ବସା ନିର୍ମାଣ ଆଶ୍ଚର୍ଯ୍ୟଚକିତ କରି ଥାଏ ଏବଂ ପର୍ଯ୍ୟାବରଣ ଦୃଷ୍ଟିରୁ ମଧ ପ୍ରକୃତିର ବହୁତ ନିକଟବର୍ତ୍ତୀ ହୋଇଥାଏ ।

ଏମାନେ ଛୋଟ ଛୋଟ ଶୁଖୁଲା ଘାସ, କାଠିକୁଟାକୁ ଯୋଡ଼ି ନିଜର ବସା ତିଆରି କରିଥାନ୍ତି । ହଜାର ଥର ଉଡ଼ି ଉଡ଼ି କାଠିକୁଟା ଏକାଠି କରନ୍ତି ଓ ବସା ବାନ୍ଧନ୍ତି । ଅକ୍ଳାନ୍ତ ଶ୍ରମର ସହିତ ଏମାନଙ୍କ ବସା ତିଆରି ହୋଇଥାଏ । ଯଦ୍ୟପି ଏ ସନ୍ଦର୍ଭରେ ବିଚିତ୍ରତା ମଧ ଦେଖାଯାଏ । ଏମାନଙ୍କ ମଧରୁ କେତେକ କୁଶଳ ଖେଳାଳି ରୂପେ ପ୍ରମାଣିତ ହୋଇଥାନ୍ତି, ତ ଆଉ କେତେକ ନିପଟ ଅଯୋଗ୍ୟ ହୋଇଥାନ୍ତି । ପକ୍ଷୀମାନଙ୍କ ବସାର ରୋଚକ ସଂସାର ଏଠାରେ ପ୍ରସ୍ତୁତ କରାଯାଉଛି ।

ପକ୍ଷୀମାନଙ୍କ ବସାଗୁଡ଼ିକର ନିଜସ୍ୱ ସଂସାର ଅଛି, ଯାହା ମଧରେ ସାଧାରଣତଃ ଛୋଟ-ବଡ଼, ଗୁମ୍ଫାକାର, ଝୁଲୁଥିବା, ଭାସୁଥିବା, ମାଟିରେ ତିଆରି ହୋଇଥିବା ତଥା ଭୂମିରେ ଖୋଳା ଯାଇଥିବା ବସା ଦେଖିବାକୁ ମିଳିଥାଏ । ଏଗୁଡ଼ିକ ମଧରୁ ସବୁଠାରୁ ଛୋଟ ଓ ବିଶିଷ୍ଟ ବସା ହେଉଛି – ହମିଙ୍ଗ ବାର୍ଡର, ଯାହା ରେଶମ, ବୁଢ଼ିଆଣୀ ଜାଲ, ଛୋଟ ପତ୍ର ବା ନିଜ ପରର ଅବଶେଷ ଦ୍ୱାରା ନିର୍ମିତ ହୋଇଥାଏ । ଏହା ନମନୀୟ ହୋଇଥାଏ, ଫଳରେ ଯେତେବେଳେ ପକ୍ଷୀ ଛୁଆମାନେ ଅଣ୍ଡାରୁ ବାହାରି ବଡ଼ ହୋଇଥାନ୍ତି, ତ ବସାଟି ମଜଭୁତ ଓ ଆରାମଦାୟକ ହୋଇଥାଏ ।

ନିକୋବର ଦ୍ୱୀପ ସମୂହର ପାର୍ବତ୍ୟ ଅଞ୍ଚଳରେ ରହୁଥିବା ଏକ ପକ୍ଷୀର ନାମ ହେଉଛି ସ୍ୱିଫ୍ଟଲେଡ ବାର୍ଡ, ଯାହାର ବସା ତା'ର ଲାଳରୁ ତିଆରି ହୋଇଥାଏ । ଏହି ବସାକୁ ମନୁଷ୍ୟ ଖାଇପାରେ, ଏଣୁ ଏହା ବହୁତ ମୂଲ୍ୟବାନ୍ । ନିଜର ଏହି ବିଶେଷତା କାରଣରୁ ଏହି ପକ୍ଷୀର ଅସ୍ତିତ୍ୱ ଏବେ ବିପଦାପନ୍ନ । କାରଣ ମନୁଷ୍ୟ ତା'ର ଏହି ବସାର ଶିକାର ଚିନ୍ତାରେ ରହିଥାଏ ।

ଚିଲ, କୁଆ, ବାଜ ଆଦିଙ୍କ ବସା ବଡ଼ ଆକାରର ହୋଇଥାଏ । ଚିଲର ବସା ସବୁଠାରୁ ବଡ଼ ଓ ଭାରୀ ହୋଇଥାଏ । ସାଧାରଣତଃ ସେ ସେହି ବସାର ପୁନଃ ଉପଯୋଗ କରିଥାଏ ତଥା ସେ ଏହାକୁ ପ୍ରତିବର୍ଷ ବଡ଼ କରିଥାଏ । ବାଜ ନିଜର ବସା ବହୁତ ଉଚ୍ଚ ପାହାଡ଼ ବା ଉଚ୍ଚ ବୃକ୍ଷଗୁଡ଼ିକ ଉପରେ ହିଁ ତିଆରି କରିଥାଏ, ଯାହା ଦେଖିବାକୁ ବହୁତ ସୁନ୍ଦର ଓ କଳାତ୍ମକ ତ ହୋଇ ନଥାଏ, କିନ୍ତୁ ଶୁଖିଲା କାଠ ଓ ବୁଦାରେ ତିଆରି ହୋଇଥାଏ । ଏହାର ବସା ମଜଭୁତ ହୋଇଥାଏ ।

ଏଥିରେ ପ୍ରାୟ କଣ୍ଟାଯୁକ୍ତ କାଠ ମଧ ଥାଏ, ଯେପରି ତା'ର ବସା ଉପରେ ଶତ୍ରୁ ଝାମ୍ପ ମାରିବାର ସାହସ କରିପାରିବ ନାହିଁ । ଯେଉଁ ବୃକ୍ଷ ଉପରେ ବାଜର ବସା ନିର୍ମିତ ହୋଇଥାଏ, ସେଠାରେ ଅନ୍ୟ ପକ୍ଷୀମାନଙ୍କର ବସା ତିଆରି ହୋଇ ନଥାଏ, ଏହା ଏକ ରୋଚକ ତଥ୍ୟ । ସମ୍ଭବତଃ ଏହାର ମୁଖ୍ୟ କାରଣ ହେଲା ବାଜକୁ ଅନ୍ୟ ପକ୍ଷୀମାନେ ଡରିଥାନ୍ତି ।

ଚତୁର ପକ୍ଷୀ କୁଆ ବୃକ୍ଷର ସବୁଠାରୁ ଉଚ୍ଚ ଡାଳରେ ବସା ତିଆରି କରିଥାଏ, କିନ୍ତୁ ବସା ତିଆରି କରିବାରେ କୁଆ ଏକ ଅନଭିଜ୍ଞ ପକ୍ଷୀ ପ୍ରମାଣିତ ହୋଇଥାଏ । କାରଣ ସେ ଘାସଲଟା, କାଠିକୁଟା, ପତ୍ର ଆଦିକୁ ଏକାଠି କରି ଅବ୍ୟବସ୍ଥିତ ଢଙ୍ଗରେ ବସା ତିଆରି କରିଥାଏ । ଆକାରରେ ଏହା ବଡ଼ ହେଲେ ମଧ ଆକର୍ଷକ ହୋଇ ନ ଥାଏ । କେତେ ଥର କୁଆ ସାରିର ବସାରେ ମଧ ଅଣ୍ଡା ଦେଇଥାଏ । ଅଣ୍ଡାରୁ ବାହାରିବା ପରେ ଶାବକମାନେ ଫୁରକିନା ଉଡ଼ିଯାନ୍ତି ।

ନିଜର ସୁନ୍ଦର ଓ ଆକର୍ଷକ ପୁଚ୍ଛ ତଥା ମନୋହାରୀ ନୃତ୍ୟ କାରଣରୁ ସମସ୍ତଙ୍କର ଧାନ ଆକର୍ଷିତ କରୁଥିବା ପକ୍ଷୀ ମୟୂର ମଧ ନିଜର ବସା ବିଷୟରେ ଅଧିକ ସଚେଷ୍ଟ ହୋଇ ନଥାଏ । ତା'ର ବସା ପ୍ରାୟ ବୁଦା ମଧରେ ଘାସଲଟା ଦ୍ୱାରା ନିର୍ମିତ ହୋଇଥାଏ, ଯେଉଁଠି ମୟୂରୀ ଥରକରେ ଦୁଇରୁ ତିନିଟି ଅଣ୍ଡା ଦେଇଥାଏ ।

ମୁଖ୍ୟ ରୂପେ ସେ ନଦୀ, ପୋଖରୀ ବା ଝରଣା ନିକଟରେ ବସା ତିଆରି କରିଥାଏ । ପାରା ମଧ ବସା ତିଆରି କରିବାରେ ଅଯୋଗ୍ୟ ହୋଇଥାଏ । ଏହାର ବସା ଅବ୍ୟବସ୍ଥିତ ଭାବେ ତିଆରି ହୋଇଥାଏ, ଯାହା ମଧରୁ ଅଣ୍ଡା ଓ ଶାବକମାନେ କେତେ ଥର ତଳେ ପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଥାନ୍ତି । ଏ ସମ୍ବନ୍ଧରେ ବାୟା ପକ୍ଷୀର ବସା ସବୁଠାରୁ ସୁରକ୍ଷିତ, ସୁନ୍ଦର ତଥା ଆକର୍ଷକ ହୋଇଥାଏ । ମନେହୁଏ ଈଶ୍ୱର ଘର ନିର୍ମାଣର ସମସ୍ତ କଳାଚାତୁର୍ଯ୍ୟ ତାକୁ ଦେଇଛନ୍ତି । ବସା ତିଆରି କରିବାର କାମ ଅଣ୍ଡିରା ପକ୍ଷୀ କରିଥାଏ, ଯିଏ ନିଜର କୌଶଳ ଦ୍ୱାରା ମାଈ ପକ୍ଷୀକୁ ଆକର୍ଷିତ କରିଥାଏ । ଯେତେବେଳେ ମାଈ ପକ୍ଷୀ ସନ୍ତୁଷ୍ଟ ହୋଇଯାଏ ତ ସେ ଏଥିରେ ପ୍ରବେଶ କରିଥାଏ ।

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

## ଆଜିର ଚିନ୍ତନ

ପାଣ୍ଡବମାନେ ବନବାସ କାଳରେ ଦ୍ୱୈତ ବନରେ ନିବାସ କରୁଥିଲେ ଏବଂ ଏହି ସୂଚନା ଦୁର୍ଯ୍ୟୋଧନକୁ ମିଳିଗଲା । ଏହି ସମାଚାର ମିଳିବା ପରେ ଦୁର୍ଯ୍ୟୋଧନ ନିଜର ଦଳବଳ ସହିତ ସେଠାକୁ ଯିବାର ନିର୍ଣ୍ଣୟ କଲା । ତା'ର ଉଦ୍ଦେଶ୍ୟ ଥିଲା ପାଣ୍ଡବମାନଙ୍କୁ ଅପମାନିତ କରିବା ଏବଂ ନିଜର ରାଜସିକ ବୈଭବକୁ ପ୍ରଦର୍ଶନ କରିବା, କିନ୍ତୁ ବିଧି ବିଧାନ ଅନ୍ୟ କିଛି ଥିଲା । ଦୁର୍ଯ୍ୟୋଧନ ସେଠାରେ ପହଞ୍ଚିବା ପୂର୍ବରୁ ଗନ୍ଧର୍ବରାଜ ଚିତ୍ରସେନଙ୍କ ସମୂହ ସହିତ ତା'ର ମୁହାଁମୁହିଁ ହୋଇଗଲା ।

ଚିତ୍ରସେନ ଅତ୍ୟନ୍ତ ପରାକ୍ରମୀ ଓ ଗନ୍ଧର୍ବଶ୍ରେଷ୍ଠ ରାଜକୁମାର ଥିଲେ । ଦୁର୍ଯ୍ୟୋଧନ ତ ସ୍ୱଭାବବଶତଃ ଶତ୍ରୁତା ରଖୁଥିବା ବ୍ୟକ୍ତି ଥିଲା, ତେଣୁ ସେ ଅକାରଣରେ ନିଜର ସେନାକୁ ଚିତ୍ରସେନଙ୍କ ଉପରେ ଆକ୍ରମଣ କରିବାର ଆଦେଶ ଦେଇଦେଲା । ଦୁର୍ଯ୍ୟୋଧନ ଭାବୁଥିଲା ଯେ ସେ ଚିତ୍ରସେନଙ୍କୁ ଅତି ସହଜରେ ହରାଇ ଦେବ, କିନ୍ତୁ ଅନ୍ୟ କଛି ବିଧି ନିର୍ଦ୍ଦିଷ୍ଟ ଥିଲା । ଚିତ୍ରସେନଙ୍କ ସେନା ଦୁର୍ଯ୍ୟୋଧନକୁ କେବଳ ହରାଇ ଦେଲା ନାହିଁ, ବରଂ ବନ୍ଦୀ କରିନେଲା ।

ଦୁର୍ଯ୍ୟୋଧନଙ୍କ ମନ୍ତ୍ରୀ ଓ ବଞ୍ଚିଥିବା ସୈନିକମାନେ ପାଣ୍ଡବମାନଙ୍କ ପାଖରେ ସହାୟତା ଆଶାରେ ପହଞ୍ଚିଲେ । ଯୁଧିଷ୍ଠିର ସେମାନଙ୍କୁ ଅଭୟଦାନ ଦେଲେ ଏବଂ ଯୁଦ୍ଧ କରି ଦୁର୍ଯ୍ୟୋଧନକୁ ଚିତ୍ରସେନଙ୍କ ପାଖରୁ ସକୁଶଳ ଛଡ଼ାଇ ଆଣିଲେ । ଭୀମ ଦୁର୍ଯ୍ୟୋଧନର ସହାୟତା କରିବା ସପକ୍ଷରେ ନ ଥିଲେ । ସେ ଭ୍ରାତା ଯୁଧିଷ୍ଠିରଙ୍କୁ ପ୍ରଶ୍ନ କଲେ– 'ଦୁର୍ଯ୍ୟୋଧନ ତ ଅକାରଣ ହିଁ ଆମ ସହିତ ଶତ୍ରୁତା ରଖୁଛି, ତାହାହେଲେ ଆମେ ତା'ର ସହାୟତା କରିବା ଦ୍ୱାରା ଲାଭ କ'ଣ ହେଲା ? ତାକୁ ତା'ର କର୍ମଗୁଡ଼ିକର ଫଳ ମିଳିବା ଉଚିତ ।'

ଭୀମଙ୍କ ବଚନ ଶୁଣି ଯୁଧିଷ୍ଠିର ଉତ୍ତର ଦେଲେ– ''ପରସ୍ପରଂ ବିବାଦେ ତୁ ବୟଂ ପଞ୍ଚ ଶତଂ ତୁ ତେ । ଅନ୍ୟ ସହ ବିବାଦେ ତୁ ବୟଂ ପଞ୍ଚଶତୋତ୍ତରଣ ।

ଅର୍ଥାତ୍ ଆମ ପାଞ୍ଚ ଭାଇଙ୍କର ଭଲା ନିଜର ଶହେ ଭାଇଙ୍କ ସହିତ ବିବାଦ ହୋଇଥାଉ, ପରନ୍ତୁ ଏହି ବିବାଦ ପରିବାର ଭିତରେ ସୀମିତ ରହିବା ଉଚିତ । ଅନ୍ୟ କାହା ସହିତ ସଂଘର୍ଷ ହେଲେ ଆମେ ସମସ୍ତେ ଏକାଠି ରହିବା ହିଁ ଶ୍ରେୟସ୍କର ।

ସ୍ରୀଜନ

ବର୍ଷ ୨୮, ସଂଖ୍ୟା - ୫୨, ୨୯ ଡିସେମ୍ବର - ୪ ଜାନୁଆରୀ ୨୦୨୫

## ୨୮ ବର୍ଷରେ ବିଜେଡିର ଭବିଷ୍ୟତ ଚିନ୍ତା

**ମ**ମତା ମହନ୍ତ, ସୁଜିତ କୁମାର ବିଜେଡି ହାତ ଛାଡ଼ି ବିଜେପିକୁ ଗଲେ । ରାଜ୍ୟସଭା ଆସନ ମଧ ଫେରି ପାଇଲେ । ଏହି ଦୁଇଜଣଙ୍କ ପରେ ଆଉ କେଉଁ ନେତା ବିଜେଡି ଛାଡ଼ିବେ, ସେନେଇ ଚର୍ଚ୍ଚା ଲାଗି ରହିଛି । ଆଗକୁ ପଞ୍ଚାୟତ ନିର୍ବାଚନ । ଏବେଠୁ ତୃଣମୂଳସ୍ତରରେ ହଲଚଲ ଦେଖିବାକୁ ମିଳିଲାଣି । ବିଜେପି କ୍ଷମତାକୁ ଆସିବାର କିଛିଦିନ ଭିତରେ ବହୁ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ବ୍ଲକ୍ ଅଧକ୍ଷ ପଦ୍ମ ପୋଖରୀକୁ ଡେଇଁଲେଣି । ବିଭିନ୍ନ କାରଣରୁ ଦଳୀୟ ନେତାଙ୍କ ଅସନ୍ତୋଷ ଚରମସୀମାରେ ପହଞ୍ଚିଲାଣି ।

ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନରେ ଫାଟ ସୃଷ୍ଟି ହେଲାଣିଓ ନେତା ଓ କର୍ମୀ କାହାକୁ ଭରସା କରିବେ, ସେ ଦ୍ୱନ୍ଦ୍ୱ ଦୂର ହେଉନି । ଏପରିକି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଅଟକିବା ନେତାଙ୍କୁ ନିରାଶ କରିଛି । ୨୪ ବର୍ଷ ପରେ ରାଜ୍ୟରେ କ୍ଷମତାରୁ ଯିବା ପରେ ବିଜେଡିରେ ଏବେ ଅସ୍ଥିରତା ଦେଖିବାକୁ ମିଳୁଛି । କେଉଁଠି ଅସନ୍ତୋଷ ପଦାକୁ ଆସିଲାଣି ତ ଆଉ କେଉଁଠି ଭିତରେ ଭିତରେ କୁହୁଳୁଛି । ୨୭ ବର୍ଷ ପୂରଣ କରି ୨୮ ବର୍ଷରେ ପଦାର୍ପଣ କରିଥିବା ଦଳ ପାଇଁ ଏଭଳି ସମୟରେ ସ୍ଥିତି ସୁଦୃଢ଼ କରି ଆଗକୁ ବଢ଼ିବା ବଡ଼ ଆହ୍ୱାନ ହୋଇଛି ।

୨୬ ଡିସେମ୍ବର ୧୯୯୭ ମସିହାରେ ପ୍ରତିଷ୍ଠିତ ଓଡ଼ିଶାର ଏହି ଆଞ୍ଚଳିକ ଦଳ ୨୪ ବର୍ଷ ପରେ କ୍ଷମତାଚ୍ୟୁତ ହୋଇଛି । ଦଳ ଗଠନରୁ ଏପର୍ଯ୍ୟନ୍ତ ସଭାପତି ଥିବା ନବୀନ ପଟ୍ଟନାୟକ କ୍ରମାଗତ ପାଞ୍ଚ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇ ଇତିହାସ ସୃଷ୍ଟି କରିଥିବାବେଳେ ୬ଷ୍ଠ ପାଳି ଯାତ୍ରାରେ ବ୍ରେକ୍ ଲାଗିଛି । ବିଜେଡି ହାତରୁ କ୍ଷମତା ଛଡ଼ାଇ ନେଇଛି ବିଜେପି । ଶାସନ ଭାର ହାତରୁ ଚାଲିଯିବା ପରେ ଦଳର ଚିନ୍ତା ବଢ଼ି ଯାଇଛି । ବଢ଼ିଛି ଗୋଷ୍ଠୀକନ୍ଦଳ, ଆରୋପ-ପ୍ରତ୍ୟାରୋପ । ନିର୍ବାଚନରେ ବିପର୍ଯ୍ୟୟ ପରେ ଅଧିକାଂଶ ବଡ଼ ନେତା ଏବେ ନିଜ ଭବିଷ୍ୟତ ଚିନ୍ତାରେ । ଦଳରେ ରହିବେ ନା ଅନ୍ୟ ଦଳକୁ ଯିବେ । ସେନେଇ ଅଙ୍କ କଷୁଛନ୍ତି । ଅପରପକ୍ଷରେ ନିର୍ବାଚନ ସମୟରେ ବିଜେଡିକୁ ଆସି ପ୍ରାର୍ଥୀ ହୋଇଥିବା ନେତା ଦ୍ୱନ୍ଦ୍ୱରେ ପଡ଼ିଛନ୍ତି । ଟିକଟ ଦୌଡ଼ରୁ ବାଦ୍ ପଡ଼ିଥିବା ନେତା ମଧ ଦଳରୁ ମୁହଁ ଫେରାଇବା ସ୍ଥିତି ଦେଖାଦେଲାଣି । ଯେଉଁଦଳରେ ମିଶିବାକୁ ଏକଦା ପ୍ରତିଯୋଗିତା ଚାଲିଥିଲା, ସେ ଦଳରୁ ନେତା ମୁହଁ ଫେରାଇବା ଆରମ୍ଭ କରିଛନ୍ତି । ଦୁଇଜଣ ରାଜ୍ୟସଭା ସାଂସଦ ଦଳଠୁ ଦୂରେଇ ଯାଇଛନ୍ତି । ଅପରେସନ ଲୋଟସ ଡର ଏବଂ ଭବିଷ୍ୟତ ଆଶଙ୍କା ମଧରେ ନେତା ଓ କର୍ମୀ ଗତି କରୁଛନ୍ତି । କେହି କାହାକୁ ଭରସା କରିପାରୁନାହାନ୍ତି । ବିଜେଡି ଗଠନ ଦିନଠୁ ଏଭଳି କଠିନ ପରିସ୍ଥିତିର ସାମ୍ନା କେବେ କରିନଥିଲା । ନବୀନ ନିଜର ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ରାଜନୈତିକ ଯାତ୍ରାରେ ସବୁଠୁ ବଡ଼ ଆହ୍ୱାନର ସାମ୍ନା କରୁଛନ୍ତି । ପୁଣିଥରେ କିପରି ଦଳକୁ ତୃଣମୂଳସ୍ତରରୁ ସଂଗଠିତ କରାଯିବ ; ତାହା ଦଳ ପାଇଁ ଚିନ୍ତାର ବିଷୟ ହୋଇଛି । ସେହିପରି ଅସନ୍ତୋଷକୁ ପ୍ରଶମିତ କରି ନେତାଙ୍କ ଆତ୍ମବିଶ୍ୱାସ ଫେରାଇ ଆଣିବା ନବୀନଙ୍କ ପାଇଁ ବର୍ତ୍ତମାନ ସବୁଠୁ ବଡ଼ ଆହ୍ୱାନ ହୋଇଛି ବୋଲି ରାଜନୈତିକ ବିଶେଷକମାନେ ମତ ରଖିଛନ୍ତି । ବିଜେଡି ଓ ନବୀନ କ୍ଷମତାରୁ ଯାଇଛନ୍ତି ସତ, ହେଲେ ନବୀନଙ୍କ ଲୋକପ୍ରିୟତା ହ୍ରାସ ପାଇନାହିଁ କିମ୍ବା ସେ ପ୍ରାସଙ୍ଗିକତା ହରାଇ ନାହାନ୍ତି ବୋଲି ସମସ୍ତେ ସ୍ୱୀକାର କରୁଛନ୍ତି । ଏହା ହିଁ ଦଳ ପାଇଁ ବଳ ବୋଲି ବିଶେଷଜ୍ଞ ମତ ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଆସନରେ ବସିବା ପରେ ବିଜେଡି ପ୍ରତିଷ୍ଠା ଦିବସ ପାଳନ କରିଛି । ଇତିମଧରେ ଏକକୋଟି ସଭ୍ୟ ସଂଗ୍ରହ ଲକ୍ଷ୍ୟ ରଖିଥିବା ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଶେଷ ହୋଇଛି । ଆଗକୁ ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହେବ । ଦଳର ଆଗାମୀ ରଣନୀତି ଉପରେ ସମସ୍ତଙ୍କ ନଜର ରହିଛି ।

## ଘିମିରିର ଘରୋଇ ଉପଚାର

**ଝା**ଳ ଓ ଘିମିରି ସମସ୍ୟା ଅତି ସାଧାରଣ । ପ୍ରତିଦିନ ଲେମ୍ବୁ ରସ ମିଶା ଥଣ୍ଡା ଜଳରେ ସ୍ନାନ କଲେ ସମସ୍ୟା ହୋଇ ନ ଥାଏ ।

ସୂତା ଏବଂ ଢ଼ିଲା ପୋଷାକ ପିନ୍ଧିବା ଉଚିତ୍ ।

ଦେହରୁ ଝାଳ ବୋହୁଥିବା ସମୟରେ ସ୍ନାନ କରିବା ଅନୁଚିତ୍ ।

ହାତରେ ଝାଳ ପୋଛିବା ଦ୍ୱାରା ଜୀବାଣୁ ସଂକ୍ରମିତ ହୋଇ ଘିମିରି ବାହାରି ଥାଏ । ସେଥିପାଇଁ ସଫା କପଡ଼ା ବ୍ୟବହାର କରିବା ଉଚିତ୍ ।

ଘିମିରିରେ ବରଫ ଘଷିବା ଦରକାର । ଆରାମ ଲାଗିବା ସହ ସମସ୍ୟା ଦୂର ହୋଇଥାଏ ।





## ଦିବ୍ୟ ବିଧାନ ଓ ବିବେକର ନିୟମ

### ମହାତ୍ମା ଗାନ୍ଧୀ

**ମ**ନୁଷ୍ୟ ତା'ର ଅନ୍ନପାଇଁ ଶ୍ରମ କରିବ, ସେଇଥିଲାଗି ଭଗବାନ ମନୁଷ୍ୟକୁ ସୃଷ୍ଟି କଲେ । ସେ ତାକୁ କହିଥିଲେ ଯେ ଯେଉଁମାନେ ଶ୍ରମ ନ କରି ଭୋଜନ କରୁଛନ୍ତି, ସେମାନେ ହେଉଛନ୍ତି ଚୋର ।

ମୁଣ୍ଡଝାଳକୁ ତୁଣ୍ଡରେ ମାରି ଆମେ ଆପଣାର ଅନ୍ନକୁ ଅର୍ଜନ କରିବୁ ବୋଲି ବିଶାଳ ପ୍ରକୃତି ଅଭିପ୍ରାୟ ରଖିଥିଲା । ତେଣୁ, ଯେଉଁ ବ୍ୟକ୍ତି ଗୋଟାଏ ମୁହୂର୍ତ୍ତ ସମୟକୁ ମଧ ଆଳସ୍ୟରେ ଅତିବାହିତ କରୁଛି, ସିଏ ସେତିକି ପରିମାଣରେ ତା'ର ପ୍ରତିବେଶୀମାନଙ୍କ ଉପରେ ଗୋଟାଏ ବୋଝ ହୋଇଯାଉଛି ଏବଂ ଏପରି କରିବାକୁ ଅହିଂସାର ସର୍ବପ୍ରଥମ ଶିକ୍ଷାଟିକୁ ଲଂଘନ କରିବା ବୋଲି ହିଁ କୁହାଯିବ । ଆପଣାର ପ୍ରତିବେଶୀ ପ୍ରତି ଏକ ସୁଭାରସାମ୍ୟଯୁକ୍ତ ତଥା ସଂବେଦନଶୀଳ ଭାବନା ବ୍ୟତୀତ ଅହିଂସାକୁ ଆଉ ଅନ୍ୟ କ'ଣ ବୋଲି କୁହାଯାଇ ପାରିବ ଏବଂ ଜଣେ ଆଳସ୍ୟପରାୟଣ ବ୍ୟକ୍ତିଠାରେ ଠିକ୍ ସେହି ଭାବନାଟିର ହିଁ ଅଭାବ ରହିଥାଏ ।

ଜୀବନଧାରଣ କରିବା ନିମନ୍ତେ ମନୁଷ୍ୟକୁ ଶ୍ରମ କରିବାକୁ ହିଁ ପଡିବା ଅନ୍ନଶ୍ରମ ବିଷୟରେ ଟଲଷ୍ଟୟଙ୍କର ଲେଖା ପାଠ କରି ମୁଁ ସେହି ନିୟମଟିକୁ ବୁଝିବାକୁ ଆରମ୍ଭ କରିଥିଲି । ମାତ୍ର, ତା' ପୂର୍ବରୁ ମଧ ରସ୍କିନଙ୍କର ଅନଟୁ ଦିସ୍ ଲାଷ୍ଟ, ପୁସ୍ତକଟି ପଢ଼ି ମୁଁ ଏଇଟି ପ୍ରତି ସମ୍ମାନ ଦେଖାଇବାକୁ ଆରମ୍ଭ କରିଥିଲି । ନିଜ ହାତରେ କୌଣସି ଶ୍ରମ କରି ହିଁ ମନୁଷ୍ୟକୁ ତା'ର ଅନ୍ନ ଉପାର୍ଜନ କରିବାକୁ ହେବ, ଏହି ଦିବ୍ୟ ବିଧାନଟି ଉପରେ ଟି.ଏମ୍.ବୋଣ୍ଡାରେଫ୍ ନାମରେ ଋଷଦେଶୀୟ ଜଣେ ଲେଖକ ସର୍ବ ପ୍ରଥମେ ଗୁରୁତ୍ୱ ଦେଇଥିଲେ । ଟଲଷ୍ଟୟ ତାହାର ପ୍ରଚାର କଲେ ଏବଂ ତାହାକୁ ବୃହତ୍ତର କ୍ଷେତ୍ରରେ ଅବଗତ କରାଇଥିଲେ । ମୋ' ମତରେ ଗୀତାର ତୃତୀୟ ଅଧାୟରେ ମଧ ସେହି ନୀତିଟିର ବୟାନ କରାଯାଇଛି । ସେଥିରେ ଆମକୁ କୁହାଯାଇଛି ଯେ, ଯିଏ ପ୍ରଥମେ ଯଜ୍ଞ ନ କରି ଭୋଜନ କରୁଛି, ସିଏ ପ୍ରକୃତରେ ଚୋରି କରି ଆଣିଥିବା ଅନ୍ନକୁ ହିଁ ଭୋଜନ କରୁଛି । ଏଠାରେ ଯଜ୍ଞର ଅର୍ଥ କେବଳ ଅନ୍ନଶ୍ରମ ହିଁ ହେବ ।

ବିବେକ ମଧ ଆମକୁ ଠିକ୍ ସେହିପରି ଏକ ସିଦ୍ଧାନ୍ତରେ ଆଣି ପହଞ୍ଚାଇ ଦେବ । ଯିଏ ଶରୀରଶ୍ରମ କରୁନାହିଁ, ସେହି ମନୁଷ୍ୟର ଭୋଜନ କରିବା ଲାଗି କିପରି କୌଣସି ଅଧିକାର ରହିବ ? ତୁମ ମୁଣ୍ଡର ଝାଳକୁ ତୁଣ୍ଡରେ ମାରି ହିଁ ତୁମେ ଭୋଜନ କରିବ' ବୋଲି ବାଇବେଲରେ କୁହାଯାଇଛି । ଜଣେ କୋଟିପତି ଯଦି ଦିନସାରା ତା' ଶେଯ ଉପରେ ଗଡୁଥିବ, ଯଦି ଖାଇବା ବେଳେ ମଧ ଅନ୍ୟମାନଙ୍କୁ ତାଙ୍କୁ ସାହାଯ୍ୟ କରିବାକୁ ପଡୁଥିବ, ତେବେ ସେ କଦାପି ବେଶୀଦିନ ବଞ୍ଚିପାରିବ ନାହିଁ ଓ ନିଜ ଜୀବନକୁ ନେଇ କ୍ଳାନ୍ତ ହୋଇପଡିବ । ତେଣୁ, ତାକୁ ଭୋକ କରିବ ବୋଲି ବ୍ୟାୟାମ କରିବାକୁ ହୋଇଥାଏ ଏବଂ ଆପଣା ଖାଇବା ଖାଦ୍ୟକୁ ନେଇ ଆପଣାକୁ ଭୁଞ୍ଜାଇବାକୁ ହୋଇଥାଏ ।

ଯଦି ଧନୀ ବା ଦରିଦ୍ର ସମସ୍ତଙ୍କୁ ଏହିପରି ଭାବରେ କୌଣସି ନା କୌଣସି ପ୍ରକାରର ବ୍ୟୟାମ କରିବାକୁ ପଡେ, ତେବେ ସେହି ବ୍ୟାୟାମ ଅନ୍ନ ଉପାର୍ଜନ କରିବା ଲାଗି ଏକ ଉତ୍ପାଦନକାରୀ ଶ୍ରମରେ ପରିଣତ ହୋଇ ପାରିବ ନାହିଁ କାହିଁକି ? ଜଣେ ଚାଷୀକୁ କେହି କଦାପି ନିଃଶ୍ୱାସ ନେବାର ବ୍ୟାୟାମ କରିବାକୁ କିମ୍ବା ନିଜର ମାଂସପେଶୀର ଚାଳନା କରିବାକୁ ପରାମର୍ଶ ଦିଏ ନାହିଁ । ମନୁଷ୍ୟ ଜଗତର ଦଶଭାଗରୁ ନଅଭାଗ ଜମିଚାଷ କରି ହିଁ ଜୀବିକା ନିର୍ବାହ କରନ୍ତି । କାଳୀ ଏକ ଦଶମାଂଶ ଏହି ବହୁସଂଖ୍ୟକ ଭାଗଟିର ଦୃଷ୍ଟାନ୍ତଟିକୁ ଅନୁସରଣ କଲେ, ଅନ୍ତତଃ ନିଜର ଭୋଜନ ନିମନ୍ତେ ଆବଶ୍ୟକ ହେଉଥିବା ଶ୍ରମକୁ କରିପାରିଲେ ଏହି ପୃଥିବୀ କେତେ ଅଧିକ ସୁଖୀ, ଅଧିକ ସୁସ୍ଥ ଏବଂ ଅଧିକ ଶାନ୍ତ ହୋଇ ନପାରନ୍ତା ।

ପୃଥିବୀସାରା ଆଜି ମାଲିକ ଏବଂ ଶ୍ରମିକଙ୍କ ମଧରେ ଦ୍ୱନ୍ଦ ଲାଗିଛି ଏବଂ ଦରିଦ୍ରମାନେ ଧନୀମାନଙ୍କୁ ଈର୍ଷା କରୁଛନ୍ତି । ଯଦି ସମସ୍ତେ ନିଜର ଅନ୍ନପାଇଁ ଶ୍ରମ କରନ୍ତେ, ତେବେ ଶ୍ରେଣୀଗତ ଯାବତୀୟ ପାର୍ଥକ୍ୟ କୁଆଡ଼େ ଲୋପ ହୋଇ ଯାଆନ୍ତା, ଧନୀମାନେ ତଥାପି ରହନ୍ତେ, ମାତ୍ର ସେମାନେ ନିଜକୁ ନିଜ ଧନର କେବଳ ଜଣେ ମାରଫତଦାର ବୋଲି ବିଚାର କରନ୍ତେ ଏବଂ ସେହି ଧନକୁ ସେମାନେ ପ୍ରଧାନତଃ ସାଧାରଣଙ୍କର ହିତ ନିମନ୍ତେ ବ୍ୟବହାର କରୁଥାନ୍ତେ । ପ୍ରତ୍ୟେକ ମୁହୂର୍ତ୍ତରେ ଯେତିକିର ପ୍ରୟୋଜନ ରହିଛି, ଭଗବାନ, ତା' ଠାରୁ କଦାପି ଅଧିକ ଆଦୌ ସୃଷ୍ଟି କରନ୍ତି ନାହିଁ । ତେଣୁ ପରିଣାମରେ ଏହା ହିଁ ଘଟେ ଯେ ଜଣେ ବ୍ୟକ୍ତି ପ୍ରକୃତରେ ଯେତିକି ଆବଶ୍ୟକ କରୁଥାଏ, ଯଦି ଆପଣାଲାଗି ସେ ତା'ଠାରୁ ଅଧିକ ଆତ୍ମସାତ୍ କରିନିଏ, ତେବେ ଆପଣାର ପ୍ରତିବେଶୀକୁ ସେ ନିଃସ୍ୱ ଓ ବଞ୍ଚିତ କରି ରଖେ । ଆମର ପ୍ରକୃତରେ ଯେତିକି ଆବଶ୍ୟକ, ଆମ ଭିତରୁ ଅନେକେ ତା'ଠାରୁ ଅନେକ ଅଧିକ ଆପଣା ପାଇଁ ମାଡି ବସୁଛୁ ବୋଲି ପୃଥିବୀର ଏକାଧିକ ଭାଗରେ ମନୁଷ୍ୟମାନେ ଉପବାସରେ ରହୁଛନ୍ତି । ଆମେ ଯେପରି ଇଚ୍ଛା କରିବା, ପ୍ରକୃତିର ଖାତାରେ ଆୟ ଓ ବ୍ୟୟର ଖନ୍ଦା ଦୁଇଟି ସର୍ବଦା ସମାନ ହୋଇ ରହିଥାଏ । କୌଣସି ଗୋଟିଏ ଖନ୍ଦାରେ ମଧ ବଳକା ବୋଲି କିଛି ନ ଥାଏ ।

ପକ୍ଷୀ ଏବଂ ପଶୁମାନଙ୍କ ପରି ପ୍ରତ୍ୟେକ ମନୁଷ୍ୟର ମଧ ଜୀବନର ଅତ୍ୟାବଶ୍ୟକ ପଦାର୍ଥଗୁଡିକ ଲାଗି ସମାନ ଅଧିକାର ରହିଛି । ପ୍ରତ୍ୟେକ ଅଧିକାରଟି ତଦନୁରୂପ ହୋଇ ଏକ କର୍ତ୍ତବ୍ୟ ରହିଥିବାରୁ ଏବଂ ସେହି ଅଧିକାର ଉପରେ ଯାବତୀୟ ଆକ୍ରମଣର ପ୍ରତିଶୋଧ କରିବା ନିମନ୍ତେ ଅନୁରୂପ କର୍ତ୍ତବ୍ୟ ତଥା ପ୍ରତିକାରଗୁଡିକୁ ଆବିଷ୍କାର କରିନେଇ ପାରିଲେ ହିଁ ସବୁ କଥାର ସମାଧାନ ହୋଇଯିବ । ମୋ'ର ଅଙ୍ଗପ୍ରତ୍ୟଙ୍ଗକୁ ଖଟାଇ ମୁଁ ଶ୍ରମ କରିବି ଏଇଟି ହେଉଛି ଅନୁରୂପ କର୍ତ୍ତବ୍ୟ ଏବଂ ଯିଏ ମୋତେ ମୋ' ଶ୍ରମର ଫଳରୁ ବଞ୍ଚିତ କରୁଛି, ମୁଁ ତା' ସହିତ ଅସହଯୋଗ କରିବି, ଏଇଟି ହେଉଛି ଅନୁରୂପ ପ୍ରତିକାର ।

## ବିଶେଷ ଉପକାରୀ ସୋୟାବିନ୍

**ସୋ**ୟାବିନରେ ଏକାଧିକ ପୋଷକ ତତ୍ତ୍ୱ ରହିଛି । ବିଶେଷକରି ପ୍ରୋଟିନ୍, କ୍ୟାଲସିୟମ୍ ଏବଂ ଫାଇବରର ଏକ ଭଲ ଉତ୍ସ । ସୋୟା ଖାଇବାରେ ବି ଖୁବ୍ ସ୍ୱାଦିଷ୍ଟ । ଏଥିରେ ଏକ ବିଶେଷ ପରିମାଣର ଆମିନୋଏସିଡ୍ ଲାଇଜିନ୍ ମିଳେ ଯାହା ଶରୀରରେ ସବୁ ପ୍ରକାର ପ୍ରୋଟିନ୍ ପାଇଁ ଆବଶ୍ୟକ ବିଲଡିଂ ବ୍ଲକ୍ ବୋଲି କୁହାଯାଏ । ଲାଇଜିନରୁ ଫେରିଟିନ୍ ଆଇରନ ବି ସୃଷ୍ଟି ହୋଇଥାଏ, ଯାହା ସୁସ୍ଥ କେଶ ପାଇଁ ଜରୁରୀ ପ୍ରୋଟିନ୍ ସହିତ ଭିଟାମିନ୍ ବି- କମ୍ପ୍ଲେକ୍ସ, ଇ ଆଦିରେ ଭରପୁର ସୋୟାବିନ୍ ଖାଇବାର ଆହୁରି ଏକାଧିକ ସ୍ୱାସ୍ଥ୍ୟ ଉପକାରିତା ମଧ ରହିଛି ।

ଯଦି ରାତିରେ ନିଦ ହେଉ ନଥାଏ ତେବେ ସୋୟାବିନ୍ ଖାଇବା ଆରମ୍ଭ କରି ଦିଅନ୍ତୁ । ଏଥିରେ ଥିବା ମ୍ୟାଗନେସିୟମ୍ ଭଲ ନିଦ କରାଇବାରେ ସହାୟକ ।

ସୋୟା ପ୍ରୋଟିନ୍ ଏବଂ ଆଇସୋଫ୍ଲୋଭୋନସରେ ଭରପୂର ଖାଦ୍ୟ ବିଶେଷକରି ରଜୋନିବୃତ୍ତି ପରେ ମହିଳାମାନଙ୍କୁ ଅସ୍ଥି ଦୁର୍ବଳ କରୁଥିବା ଅଷ୍ଟିଓପୋରୋସିସ୍‌ର ଆଶଙ୍କାରୁ ସୁରକ୍ଷା ଦେଇଥାଏ । ଇଂଲଣ୍ଡର ହୁଲ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଜଣାଇଛନ୍ତି ଯେ, ସୋୟାବିନରେ ହେଉଥିବା ଖାଦ୍ୟରେ ଆଇସୋଫ୍ଲାଭୋନସ ଥାଏ ଯାହା ଏଷ୍ଟ୍ରୋଜେନ୍ ହରମୋନର ଗୁଣ ସହ ସମାନ ଏବଂ ମହିଳାମାନଙ୍କ ଅସ୍ଥି, ମଜବୁତ ରହିବାରେ ସହାୟକ ।

ଯଦି କୌଣସି ମାନସିକ ରୋଗରେ ଆକ୍ରାନ୍ତ ତେବେ ସୋୟାବିନ୍‌କୁ ନିଜ ଖାଦ୍ୟରେ ସାମିଲ୍ କରନ୍ତୁ । ଏଥିରେ ଥିବା ଫସଫରସ ମାନସିକ ସନ୍ତୁଳନ ଠିକ୍ ରଖିବା ସହ ମସ୍ତିଷ୍କ ସକ୍ରିୟ ରଖେ । ଅପସ୍ମାର, ଉନ୍ମାଦ, ସ୍ମୃତି ବିଭ୍ରମ, ରିକେଟସ ଆଦି ରୋଗରେ ଏହା ପଥ୍ୟ ସଦୃଶ । ପ୍ରତିଦିନ ମାଛ, ମାଂସ ଖାଇବାକୁ ପାଉ ନଥିବା ତଥା ଅଭାବୀ ଲୋକମାନଙ୍କ ପାଇଁ ଫସଫରସ ପାଇବାର ଭଲ ମାଧମ ସୋୟାବିନ୍ ।



## ସଂସାର

### ଉଦୟନ ସୂପକାର

ପାନ୍ଥଶାଳା ଅଟେ ଏହି ସଂସାର  
ମନେ ନ ଜଗା ତୁ କଦାପି ମୋହ ।  
କାମନା ବାସନା ଯାହାର ମନରେ  
ସେହୁ ପାଇଥାଏ ଲୁହ ଓ କୋହ ।  
କେ ତୋତେ କି ଦେବ ଚିନ୍ତା କରି  
ଦୁଃଖ ଓ ଅଶାନ୍ତିକୁ କର ନା ମିତ୍ର ।  
ଯିଏ ଦେଇ ଯାଏ ଆନକୁ ଆନନ୍ଦ  
ତା ଜୀବନ ତ ଶାନ୍ତିର ପାରାବାର ।  
ସଭିଙ୍କୁ ମଣ ତୁହି ଅତୀବ ନିଜର  
ନୁହଇ କେହି ତୋ ଭବେ ବଇରୀ ।  
ଭାସି ଯାଉଥିବ ସଦା ତୋ ତରୀ  
ନ ମିଳୁ ତୋଫାନ ଅବା ଭଉଁରୀ ।  
ସଂସାରର ହିତ ଯେ କରେ ସଦା  
ତାହା ମନ ତ ଆନନ୍ଦର ଗନ୍ତାଘର ।  
ଆପଣା ଓ ପର ନ କଲେ ଅନ୍ତର  
ତାହାର ସାଥୀ ସାକ୍ଷାତ ଈଶ୍ୱର ।  
ଯାହା ମୁଁ କହିଲି ମନେ ରଖି ଥାଅ  
ଦେଇ ଯା ଜୀବନେ ସ୍ନେହ ଓ ପ୍ରେମ ।  
ତୋହର ଜୀବନେ ଭରିବ ମହକ  
ଯଦି ଆନକୁ ତୁ ଦେବୁ ରେ କୁସୁମ ।

ଭୁବନେଶ୍ୱର

## ସ୍ଵର୍ବେଦ

**ଇଚ୍ଛା ଦୁଖ କା ରୂପ ହୈ, ଉଠତି ୱାସନା ଧାର ।**
**ଇଚ୍ଛା ମେଁ ସବ କର୍ମ ହୈ, ଶୁଭ ଅରୁ ଅଶୁଭ ୱିଚାର ।।୨୯।।**

ଭାଷ୍ୟ - ଦୁଃଖର ଅନ୍ୟ ରୂପ ଇଚ୍ଛା ଅଟେ । ଇଚ୍ଛା ଦ୍ୱାରା ହିଁ କର୍ମ ହୋଇଥାଏ ଓ କର୍ମ ଉପଭୋଗ ହୋଇ ବାସନା ଚିତ୍ତ ଭିତରକୁ ଯାଏ ଏବଂ ବାସନା ସଂସ୍କାର ରୂପ ହୋଇ କର୍ମ କରିବା ନିମନ୍ତେ ଜୀବକୁ ବାରମ୍ବାର ବାଧ୍ୟ କରିଥାଏ । ଇଚ୍ଛା ଦ୍ୱାରା ହିଁ ଶୁଭାଶୁଭ ସମସ୍ତ କର୍ମ ଜୀବ କରିଥାଏ ।

**କ୍ଷୟ ହୋୟ ଅନ୍ତର ୱାସନା, ତବ ପୂରଣ ୱୈରାଗ ।**
**ନହିଁ ତୋ ଅନ୍ତର ରାଗ ହୈ, ଚାହ ୱିଷୟ ରସ ଜାଗ ।।୩୦।।**

ଭାଷ୍ୟ - ଅନ୍ତର ବାସନା କ୍ଷୟ ହେବା ପରେ ହିଁ ପୂର୍ଣ୍ଣ ବୈରାଗ୍ୟ ଜାତ ହୁଏ । ଯେତେବେଳେ ଅନ୍ତରରେ ରାଗ ଓ ବିଷୟ ଇଚ୍ଛା ଥିବ, ସେତେବେଳେ ତାହାର ପ୍ରାପ୍ତି ନିମନ୍ତେ ଇନ୍ଦ୍ରିୟମାନେ ସମୟ ପାଇ ସଚେଷ୍ଟ ହେବାକୁ ଲାଗିବେ । ସେଥିପାଇଁ ଚିତ୍ତରୁ ବାସନା ନାଶ ହୋଇଯିବା ପରେ ହିଁ ପୂର୍ଣ୍ଣ ଏବଂ ପବିତ୍ର ବୈରାଗ୍ୟ ଆତ୍ମା ଭିତରେ ପ୍ରକଟ ହେବ । ବାସନାଗୁଡ଼ିକର ସଂସ୍କାର ଯୋଗ ଦ୍ୱାରା ହିଁ ନଷ୍ଟ ହୋଇ ପାରିବ ଏବଂ ଆତ୍ମା ଅନ୍ତର୍ମୁଖୀ ହୋଇ ଆଧ୍ୟାତ୍ମ କ୍ଷେତ୍ରର ସର୍ବୋଚ୍ଚ ପ୍ରଗତି ଲାଭ କରି ନିଜର ଲକ୍ଷ୍ୟ ପ୍ରାପ୍ତି




ନିମନ୍ତେ ଅଗ୍ରସର ହେବ ।

**ଚାହ ଭଈ ଚିନ୍ତା ଲଗୀ, ଶୋକ ୱିପଦା ଆୟ ।**
**ଅବ କହଁ ହୈ ୱୈରାଗ ସୁଖ, ଶାନ୍ତି ୱିୱେକ ନଶାୟ ।।୩୧।।**

ଭାଷ୍ୟ - କୌଣସି ପଦାର୍ଥର ଇଚ୍ଛା ହେବା ଦ୍ୱାରା ତାହାର ପ୍ରାପ୍ତି ନିମନ୍ତେ ଚିନ୍ତା ହେବାରେ ଲାଗେ, ପୁଣି ଶୋକ ଓ ବିପତ୍ତି ଆସିଯାଏ । ଏହି କାରଣରୁ ବିବେକ ଏବଂ ଶାନ୍ତି ନାଶ ହୋଇଯାଏ । ଏବେ ଏହି ଅବସ୍ଥାରେ ବୈରାଗ୍ୟ-ସୁଖ ରହେ କେଉଁଠି ? ଅତଏବ ସମସ୍ତ କାମାନାଦିକୁ ତ୍ୟାଗ କରି ହିଁ ବୈରାଗ୍ୟ ସୁଖକୁ ପ୍ରାପ୍ତ ହୁଏ । ରାଗୀ ଏବଂ ସକାମୀ ବ୍ୟକ୍ତି ବୈରାଗ୍ୟ ସୁଖକୁ ପ୍ରାପ୍ତ କରି ପାରିବ ନାହିଁ ।

**ମାୟା ବାହର ତ୍ୟାଗ ହୈ, ଚାହ ୱାସନା ସାଥ ।**
**ୟହ କହୁ କୱନ ୱିରାଗ ହୈ, ଫିର ଉଠେ ମନ ନାଥ ।।୩୨।।**

ଭାଷ୍ୟ - ସଂସାରର ବାହାରେ ତ୍ୟାଗ ଅଛି ଆଉ ଅନ୍ତରରେ ବିଷୟ କାମନା ଲାଗି ରହିଛି । ସେଥିପାଇଁ ଇନ୍ଦ୍ରିୟଗୁଡ଼ିକର ସ୍ୱାମୀ ମନ ପୁଣି ଉଠିବ ଆଉ ବିଷୟ ତରଙ୍ଗରେ ଯାଇ ଆତ୍ମାକୁ ଅଶାନ୍ତ କରିବା । କୁହ, ଏହା କେମିତି ବୈରାଗ୍ୟ ଅଟେ । ଅନ୍ତରର ମଳିନ ବାସନାକୁ ତ୍ୟାଗ କରି ହିଁ କେହି ବୈରାଗ୍ୟ ପ୍ରାପ୍ତ କରି ପାରିବ ।

**ମନ ୱ ଦେହ ଅଭିମାନ କା, ତ୍ୟାଗ ପରମ ୱୈରାଗ ।**
**ଶୁଦ୍ଧ ରୂପ ଆତମ ବନେ, ଚେତନ ବଲ ଗୁଣ ଜାଗ ।।୩୩।।**

ଭାଷ୍ୟ - ମନ ଓ ଦେହ ର ଅଭିମାନକୁ ଛାଡ଼ିବା ଦ୍ୱାରା ତ୍ୟାଗ ଜାତ ହୋଇ ପୂର୍ଣ୍ଣ ରୂପରେ ବୈରାଗ୍ୟ ହେବ । ସେତେବେଳେ ଆତ୍ମା ଶୁଦ୍ଧ ରୂପରେ ଆସି ନିଜର ଚେତନ ବଳ ଏବଂ ଗୁଣ ପ୍ରକଟ କରିବ ।

**ସାରା ଦେହ ସଂଘାତ ସେ, ଆତମ ଅଲଗ ଅସଙ୍ଗ ।**
**ସ୍ଥିତ ଶୁଦ୍ଧ ସ୍ୱରୂପ ମେଁ, ସୁରତି ପ୍ରୱାହ ଅଭଙ୍ଗ ।।୩୪।।**

ଭାଷ୍ୟ - ସମସ୍ତ ଦେହ ସଂଘାତରୁ ଆତ୍ମା ଅଲଗା ଏବଂ ଭିନ୍ନ ହୋଇ ଯେତେବେଳେ ନିଜର ଶୁଦ୍ଧ ସ୍ୱରୂପରେ ସ୍ଥିତ ହୋଇଯାଏ, ସେତେବେଳେ ପୂର୍ଣ୍ଣ ରୂପରେ ଚେତନ ସୁରତିର ପ୍ରବାହ ଉର୍ଦ୍ଧ୍ୱକୁ ପ୍ରବାହିତ ହେବାରେ ଲାଗେ ।

**ପର ୱିରାଗ କେ ଉଦୟ ମେଁ, ସୁରତି ସୁହାଗିନ ଜାଗ ।**
**ଅନ୍ତର ଗଗନ ୱିରାଜତୀ, ଉମଗତ ୱର ଅନୁରାଗ ।।୩୫।।**

ଭାଷ୍ୟ - 'ପର' ବୈରାଗ୍ୟ ଯୋଗାଭ୍ୟାସ ଦ୍ୱାରା ପ୍ରାପ୍ତ ହୋଇଥାଏ । ଆତ୍ମା ପ୍ରାକୃତିକ ତ୍ରିଗୁଣଗୁଡ଼ିକର ତୃଷ୍ଣାରୁ ମୁକ୍ତ ହୋଇ ପୃଥକ ହୋଇଯାଏ, ଏହାକୁ ପର ବୈରାଗ୍ୟ କୁହାଯାଏ । ପର ବୈରାଗ୍ୟ ଉଦୟ ହେଲେ ସୁହାଗିନୀ ସୁରତି ଜାଗି ଉଠେ ଓ ପୂର୍ଣ୍ଣ ପ୍ରେମର ଉମଙ୍ଗରେ ଅନ୍ତର ଗଗନରେ ବିରାଜମାନ ହୋଇଯାଏ ।

**ଭକ୍ତି ମୁକ୍ତି ଅଧିକାର କା, ସୋ ପୂରଣ ୱୈରାଗ ।**
**ନର ସେ ଦେୱ ସ୍ୱରୂପ ମେଁ, ଭାସିତ ତେଜ ସୁଭାଗ ।।୩୬।।**

ଭାଷ୍ୟ - ପୂର୍ଣ୍ଣ ପୁରୁଷାର୍ଥୀ ପରମ ବୈରାଗ୍ୟବାନ ପୁରୁଷ ହିଁ ଭକ୍ତି ମୁକ୍ତିର ଅଧିକାରୀ ହୋଇଥାଏ ଏବଂ ସେହି ନର ଦେବ ସ୍ୱରୂପକୁ ପ୍ରାପ୍ତ କରି ତାହାରି ଗୁଣ ଦ୍ୱାରା ସୁଶୋଭିତ ହୁଏ ।

**ଆତମ ଚେତନ ରୂପ ମେଁ, ମୋହ ମାୟା ଜଡ଼ ନାଶ ।**
**ଚେତନ ସୁରତି ସୁସାଜ ସେ, ଗଗନ ମଣ୍ଡଲ ତତ ଭାସ ।।୩୭।।**

ଭାଷ୍ୟ - ଯେତେବେଳେ ଆତ୍ମଚେତନା ଶୁଦ୍ଧରୂପରେ ପ୍ରକଟ ହୁଏ, ସେତେବେଳେ ଜଡ଼ ମୋହ, ମାୟାର ନାଶ ହୋଇଯାଏ । ସେତେବେଳେ ଚେତନ ସୁରତି ଶୁଦ୍ଧ ରୂପରେ ଗଗନ ମଣ୍ଡଳରେ ଯାଇ ପ୍ରକାଶିତ ହୋଇଥାଏ ।

## ପକ୍ଷୀମାନଙ୍କ ବସାର ରୋଚକ... ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ପୁଣି ଦୁହେଁ ଏକାଠି ମିଶି ବସା ତିଆରି କରନ୍ତି । ବାୟା ଶୁଖିଲା ଘାସ, କାଠି ବା ପତ୍ରଗୁଡ଼ିକର ଶିରାରେ ବୁଣି ନିଜର ବସା ତିଆରି କରିଥାଏ । ଯଦ୍ୟପି ତା'ର ବସା ବୃକ୍ଷ ଡାଳରେ ଝୁଲୁଥାଏ, କିନ୍ତୁ ବାୟା ପକ୍ଷୀର ବସା ଏତେ କୁଶଳତା ପୂର୍ବକ ତିଆରି ହୋଇଥାଏ ଯେ ସେଥିରେ ପାଣି ବିଲକୁଲ ପଶେ ନାହିଁ । ଦକ୍ଷିଣ ଆଫ୍ରିକା, ନାମ୍ବିଆ, ବୋସ୍ୱାନା ଆଦି ଦେଶଗୁଡ଼ିକରେ ଦେଖା ଯାଉଥିବା ବାୟା ପକ୍ଷୀଙ୍କର କେତେକ ପ୍ରଜାତିର ବସା ଦେଖିବାକୁ ଜଟିଳ ହୋଇଥାଏ । ଏହି ପ୍ରଜାତିର ବାୟା ପକ୍ଷୀମାନେ ବସ୍ତି ତିଆରି କରି ରହନ୍ତି ଏବଂ ଏମାନଙ୍କର ଗୋଟିଏ ବସ୍ତିରେ ପ୍ରାୟ ୮୦୦ରୁ ୧୦୦୦ ସଂଖ୍ୟକ ପକ୍ଷୀ ଥାଆନ୍ତି ତଥା ଏମାନଙ୍କ ବସାଗୁଡ଼ିକ ପରସ୍ପର ସହିତ ସଂଯୁକ୍ତ ହୋଇଥାଏ । ବାୟା କଣ୍ଟାଯୁକ୍ତ ବା ତାଳ ବୃକ୍ଷଗୁଡ଼ିକରେ ନିଜର ବସା ତିଆରି କରିବାକୁ ପସନ୍ଦ କରିଥାଏ, ଯେମିତି ଅନ୍ୟ ପକ୍ଷୀମାନଙ୍କ ଠାରୁ ନିଜର ଅଣ୍ଡା ଓ ଶାବକମାନଙ୍କର ସୁରକ୍ଷା ହୋଇ ପାରିବ । ତା'ର ବସାରେ ଅନେକ ତଳ ଥାଇପାରେ, ଯାହା ପରିବାରର ସଦସ୍ୟମାନଙ୍କ ସଂଖ୍ୟା ଉପରେ ନିର୍ଭର କରିଥାଏ । ସେ ନିଜର ବସାକୁ କୁଳୁକୁଳିଆ ପୋକମାନଙ୍କ ଦ୍ୱାରା ଆଲୋକିତ କରିବାର ଦେଖାଯାଏ ।

ଗୁମ୍ଫାକାର ବସା ଗଛ ବା ଓଦା ମାଟିରେ ତିଆରି ହୋଇଥାଏ । ଶୁଆ, ପେଚା, ସାରି, କାଠହଣା, ମାଛରଙ୍କା ଆଦିଙ୍କ ବସା ଏହି ଶ୍ରେଣୀରେ ଆସିଥାଏ । ନୀଳ ମାଛରଙ୍କା ପକ୍ଷୀ ନଦୀ, ପୋଖରୀ ଭଳି ଜଳସ୍ରୋତଗୁଡ଼ିକ ପାଖରେ ନରମ ଭୂମିକୁ ଖୋଳି ସୁଡଙ୍ଗ ପରି ବସା ତିଆରି କରିଥାଏ, ଯାହା ଆରମ୍ଭରେ ୫୦ ସେ.ମି. ଲମ୍ବା ଓ ଆଗକୁ ଚଉଡ଼ା ହୋଇଥାଏ, ଯେଉଁଥିରେ ଅଣ୍ଡାଗୁଡ଼ିକୁ ସୁରକ୍ଷିତ ରଖାଯାଇ ପାରେ । ଥରକରେ ଏଥିରେ ୫-୭ଟି ଅଣ୍ଡା ରହିପାରେ । କେତେକ ଜଳପକ୍ଷୀ ଓ କେତେକ ବତକ ମଧ ପାଣି ଠାରୁ ଦୂରରେ ଥିବା ଉଚ୍ଚ ଘାସ ପଡ଼ିଆରେ ବସା ତିଆରି କରିଥାନ୍ତି । ଯଦ୍ୟପି ଗୋତାଖୋର ଲୁନ୍, ଗ୍ରୀଷ୍ମଙ୍କ ପରି ଜଳପକ୍ଷୀ ସିଧା ପାଣି ଉପରେ ବସା ବାନ୍ଧିଥାନ୍ତି । ଅଣ୍ଡା ଯେପରି ନ ବୁଡ଼ିବ, ସେଥିପାଇଁ ଜଳୀୟ ବନସ୍ପତି ତଥା କାଦୁଅ ଦ୍ୱାରା ଭାସମାନ ପ୍ଲାଟଫର୍ମ ତିଆରି କରିଥାନ୍ତି । ନିଜର ବସାକୁ ଲୁଚାଇବା ଦୂରକୁ ଭାସି ନ ଯିବା ପାଇଁ ଏମାନେ ପାଣିକୁ ଲାଗିଥିବା ଲମ୍ବା ବୃକ୍ଷଗୁଡ଼ିକରେ ଲଙ୍ଗର ପକାଇଥାନ୍ତି ।

ଅବାବିଲ ଭଳି ପକ୍ଷୀ ମାଟିର ବସା ତିଆରି କରିଥାଏ । ସେ ଓଦାମାଟି ସହିତ କାଠି ଓ ପତ୍ରକୁ ମିଶାଇ ହଜାର ହଜାର କଣ୍ଡି ଗଢ଼ିଥାଏ ଏବଂ ସେଗୁଡ଼ିକର ଉପଯୋଗ କରି କପ୍ ଆକାରର ବସା ତିଆରି କରିଥାଏ । ଏହା ଏତେ ମଜଭୁତ ହୋଇଥାଏ ଯେ ବର୍ଷାରେ ମିଳାଇଯାଏ ନାହିଁ ଏବଂ ଝଡ଼ତୋଫାନରେ ମଧ ସୁରକ୍ଷିତ ରହିଥାଏ ।

କୁକୁଡ଼ା, ଓଟପକ୍ଷୀ, ଏମୁ ଭଳି ଉଡ଼ିବାରେ ଅକ୍ଷମ ପକ୍ଷୀମାନଙ୍କ ବସା ଭୂମି ଉପରେ ଥାଏ । ମାଟି, ପତ୍ର ଓ କାଠିକୁ ମିଶାଇ ଏମାନେ ନିଜର ବସା ତିଆରି କରନ୍ତି । ଓଟପକ୍ଷୀ ନିଜର ଘର ବାଲିରେ ହିଁ ତିଆରି କରିଥାଏ । ପକ୍ଷୀମାନଙ୍କ ମଧରେ ସବୁଠାରୁ ବଡ଼ ଓଟପକ୍ଷୀ ସାହସ ପୂର୍ବକ ନିଜ ଅଣ୍ଡାଗୁଡ଼ିକର ରକ୍ଷା କରିଥାଏ । ବାସ୍ତବରେ ଭୂମି ଉପରେ ବସା ଥିବା କାରଣରୁ ତା'ର ଅଣ୍ଡା ଓ ଛୁଆମାନଙ୍କୁ କୁକୁର, ବିଲେଇ, ସାପ, ଝିଟିପିଟି, ଶିକାରୀ ଆଦିଙ୍କ ଠାରୁ ବଡ଼ ବିପଦ ରହିଥାଏ ।

ଏହା ବ୍ୟତୀତ ଉପକୂଳବର୍ତ୍ତୀ ପକ୍ଷୀମାନେ ବିପଦପୂର୍ଣ୍ଣ ଚଟାଣ ଉପରେ ମଧ ବସା ବାନ୍ଧିଥାନ୍ତି, ଯାହାର ପାର୍ଶ୍ୱଗୁଡ଼ିକ ଅତିରିକ୍ତ ତୀକ୍ଷ୍ଣ ହୋଇଥାଏ, ଫଳରେ ଅଣ୍ଡା ଓ ଛୁଆଗୁଡିକ ତଳକୁ ଗଳି ପଡନ୍ତି ନାହିଁ । ଏହି ବସାଗୁଡିକ ଶିକାରୀମାନଙ୍କ ଠାରୁ ମଧ ସୁରକ୍ଷିତ ରହିଥାଏ ।

ଗୋଟିଏ ପକ୍ଷୀକୁ ଏକ ବସା ତିଆରି କରିବା ପାଇଁ ତିନି ବା ଅଧିକ ସପ୍ତାହର ସମୟ ଲାଗିଥାଏ । ପକ୍ଷୀମାନେ ବସା ତିଆରି କରିବା କଥା କିପରି ଜାଣିଥାନ୍ତି, ଏହା ଏକ ଗବେଷଣାର ବିଷୟ, କିନ୍ତୁ ସେମାନଙ୍କ ଭିତରେ ଏହି କ୍ଷମତା ଜନ୍ମଜାତ ରୂପେ ବିଦ୍ୟମାନ ଥିବାର ଜଣାପଡ଼େ । କିଛି ଲୋକ କହନ୍ତି ଯେ ଏହି ପକ୍ଷୀମାନେ ଅନ୍ୟମାନଙ୍କର ଖାଲି ବସାଗୁଡ଼ିକର ଅଧୟନ କରିଥାନ୍ତି, ଯେଉଁଥିରୁ ନିଜର ବସା କିପରି ତିଆରି କରିହେବ ବୁଝି ପାରନ୍ତି । ଯାହା ବି ହେଉ ପକ୍ଷୀମାନେ ନିଜ ପାଇଁ ଅଣ୍ଡା ଓ ଛୁଆମାନଙ୍କର ସୁରକ୍ଷା ଦୃଷ୍ଟିରୁ ବସା ତିଆରି କରିଥାନ୍ତି । ସେଗୁଡ଼ିକ ମଧରୁ କେତେକ ନିମ୍ନ ସ୍ତରର ହୋଇଥାଏ ତ କିଛି ବହୁତ ସୁନ୍ଦର ହୋଇଥାଏ, ଯାହା ପକ୍ଷୀମାନଙ୍କ ବୁଦ୍ଧିମତ୍ତାର ପରିଚୟ ଦେଇଥାଏ । ମନୁଷ୍ୟର ଭବନ ନିର୍ମାଣ ସମୟର କଷଟିରେ ସଠିକ୍ ପ୍ରମାଣିତ ହୋଇ ନଥାଏ ଏବଂ ଶେଷରେ ତାହା ଧରାଶାୟୀ ହୋଇ ଭଗ୍ନସ୍ତୂପରେ ପରିଣତ ହୋଇଯାଏ ତଥା ପର୍ଯ୍ୟାବରଣ ଦୃଷ୍ଟିରୁ ବି ପ୍ରକୃତିର ଅନୁକୂଳ ହୋଇ ନଥାଏ । ମନୁଷ୍ୟ ତୁଳନାରେ ପଶୁପକ୍ଷୀମାନେ ପ୍ରକୃତି ଫଳରେ ଅଣ୍ଡା ଓ ଛୁଆଗୁଡ଼ିକ ତଳକୁ ଗଳି ପଡ଼ନ୍ତି ନାହିଁ । ସାଙ୍ଗରେ ରହନ୍ତି, ଏକ ସମାବେଶୀ ଜୀବନଯାପନ କରନ୍ତି ଏହି ବସାଗୁଡ଼ିକ ଶିକାରୀମାନଙ୍କ ଠାରୁ ମଧ ସୁରକ୍ଷିତ ତଥା ପ୍ରକୃତ ଅର୍ଥରେ କଳାକାର ପରି ନିଜର ପ୍ରାକୃତିକ ବସା ସହିତ ସୃଷ୍ଟିର କଳାତ୍ମକ ସୌନ୍ଦର୍ଯ୍ୟରେ ମଧ ବୃଦ୍ଧି କରିଥାନ୍ତି । ମନୁଷ୍ୟ ଏମାନଙ୍କ ଠାରୁ ଏହି ଶିକ୍ଷା ନେଇ ପ୍ରକୃତି ସହିତ ସାମଞ୍ଜସ୍ୟ ରକ୍ଷା କରିପାରୁଥିବା ଆବାସ ନିର୍ମାଣର ବିଧାନକୁ ଗ୍ରହଣ କରିପାରେ ।

## କମ୍ ଲୁଣ, ଭଲ ନିଦ

**କ**ମ୍ ଲୁଣ ଖାଇଲେ ରାତିରେ ବେଶୀଥର ମୁତ୍ରତ୍ୟାଗ କରିବା ଲାଗି ଉଠିବାକୁ ପଡିବନି ବୋଲି ଜାପାନର ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଏକ ଅନୁଧାନରୁ ଜଣାପଡିଛି । ଏ ସମ୍ବନ୍ଧୀୟ ତଥ୍ୟ ବି ୟୁରୋପିଆନ ସୋସାଇଟି ଅଫ୍ ୟୁରୋଲୋଜିର ବାର୍ଷିକୋତ୍ସବରେ ଉପସ୍ଥାପନ କରାଯାଇଛି ।



ରାତିରେ ବାରମ୍ବାର ପରିସ୍ରା ଲାଗିବା ସମସ୍ୟାର ଅନ୍ୟନାମ ନକ୍ ଟୁରିଆ । ୬୦ ବର୍ଷ ପରେ ଲୋକମାନେ ଏଥିରେ ପ୍ରଭାବିତ ହୁଅନ୍ତି । ବାରମ୍ବାର ନିଦରେ ବ୍ୟାଘାତ ଆସିଲେ ଅନ୍ୟ ସମସ୍ୟା ବି ବାହାରିପଡେ । ମୁଖ୍ୟତଃ ବିଷାଦ ଘାରିଯାଏ । ଚିଡଚିଡ଼ାପଣ ବଢ଼ିଯାଏ । କ୍ଲାନ୍ତ ଲାଗେ । ଏହାର ପ୍ରଭାବ ମଧ ଜୀବନଶୈଳୀ ଉପରେ ପଡେ । ଗବେଷକମାନେ ୩୨୧ ଜଣ ପୁରୁଷ ଓ ମହିଳା ଯେଉଁମାନେ ବେଶୀ ଲୁଣ ଖାଉଥିଲେ ଓ ନିଦରେ ସମସ୍ୟା ରହିଥିଲା ସେମାନଙ୍କୁ କମ୍ ଲୁଣ ଖାଇବା ଲାଗି ପରାମର୍ଶ ଦିଆଯାଇଥିଲା ଓ ଏହା ୧୨ ସପ୍ତାହ ଯାଏ ଅନୁଧାନ କରାଯାଇଥିଲା । ୨୨୩ ଜଣ ଲୁଣ ଖାଇବା କମ୍ କରିଥିଲେ ଓ ଦେଖାଯାଇଥିଲା ରାତିରେ ବାଥରୁମ୍ ଯିବା ୨, ୩ ପ୍ରତିଶତ କମିଯାଇଛି । ରାତିରେ ଯେତେ କମ୍ ବାଥରୁମ୍ ଯିବେ ନିଦ ସେତେ ଭଲ ରହିବ ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି । କିନ୍ତୁ ୯୮ ଜଣ ଯେଉଁମାନେ ଲୁଣ ଖାଇବା ବୃଦ୍ଧି କରିଥିଲେ ସେମାନେ ରାତିରେ ବେଶୀଥର ବାଥରୁମ୍ ଯାଇଥିଲେ ଯାହା ଫଳରେ ସେମାନଙ୍କୁ ବହୁବାର ନିଦରୁ ଉଠିବାକୁ ପଡିଥିଲା ।

## ଟିକିଏ ହସନ୍ତୁ

ଯୁବକ ଯୁବତୀଙ୍କୁ ତମର ଲିପଷ୍ଟିକ ଶେଡ୍ ବହୁତ ଭଲ ।
ଯୁବତୀ: ଥ୍ୟାଙ୍କସ୍ ।
ଯୁବକ: ତମ କାନର ଝୁମ୍କା ବହୁତ ସୁନ୍ଦର ।
ଯୁବତୀ: ଥ୍ୟାଙ୍କସ୍ ।
ଯୁବକ: ତମ ନେକଲେସ୍ ବି ବହୁତ ସୁନ୍ଦର ହେଇଛି ।
ଯୁବତୀ: ଥ୍ୟାଙ୍କ ୟୁ ଭାଇ...
ଯୁବକ: ତଥାପି ତୁ ଚୁଡେଲ ଭଳି ଲାଗୁଛୁ ।

× × × ×

ରୀମା ବୟଫ୍ରେଣ୍ଡ ରାଜେଶକୁ ଘରକୁ ନେଇଥାଏ ମା'ଙ୍କ ସହ ଦେଖା କରାଇବା ପାଇଁ । ପରଦିନ ରୀମା ରାଜେଶକୁ ଖୁସିରେ: ଜାଣିଛ, ମୋ ମାମାଙ୍କୁ ତମେ ବହୁତ ପସନ୍ଦ ଆସିଲ ।
ରାଜେଶ: କ'ଣ କହିଲେ । ସେ ଯାହାବି ହେଉ, ବାହା ତ ମୁଁ ତମକୁ ହିଁ ହେବି । ତମ ମାମାଙ୍କୁ କହିଦେବ ମତେ ଭୁଲିଯିବେ ।

× × × ×

ପିଣ୍ଟୁ: ପିଲାଦିନେ ଭଲ ମଣିଷ ହେବାକୁ ମୋର ବହୁତ ଇଛା ଥିଲା ।
ଗୋପାଳ: ସେ ଇଛା କ'ଣ ପୂରଣ ହେଲା ?
ତୁ ଭଲ ମଣିଷ ହେଲୁ ?
ପିଣ୍ଟୁ; କୋଉଠି ଆଉ ହେଲା ।
ପିଲାଦିନ ଗଲା ଇଛା ବି ଚାଲିଗଲା ।



× × × ×

ପପୁ: ମୋତେ ଦିଲ୍ଲୀ ଯିବାର ଅଛି !
ଗପୁ: ଯାଉନ, ସମସ୍ତଙ୍କୁ ଯଦି କହି ବୁଲିବ ଦିଲ୍ଲୀ ଯିବ ବୋଲି ଆଉ ପହଞ୍ଚିପାରିବ ନାହିଁ ।

× × × ×

ଅଜୟ: ବିଜୟ, ତୁ କେମିତି କହିପାରିବୁ ଯେ ଚିଲର ଆଖି ବହୁତ ତୀକ୍ଷ୍ଣ ।
ବିଜୟ: ଅଜୟ, କାହିଁକି ନା ତୁ କେବେ ତାକୁ ଚଷମା ପିନ୍ଧିଥିବାର ଦେଖୁଛୁ !

× × ; ×

ଅମୂଲ୍ୟ ବାବୁ ତାଙ୍କ ଘରେ କାମ କରୁଥିବା ବ୍ୟକ୍ତି ରାମୁକୁ ପଚାରିଲେ– ରାମୁ, କହିଲୁ ଘଣ୍ଟାରେ କେତେଟା ସମୟ ହେଲାଣି ।
ରାମୁ: ଆଜ୍ଞା ବାବୁ, ମୋତେ ଘଣ୍ଟା ଚିହ୍ନି ଆସେନି ।
ଅମୂଲ୍ୟ ବାବୁ: ଆଚ୍ଛା କହିଲୁ ଘଣ୍ଟା ଭିତରେ ଥିବା ଦୁଇଟା ଯାକ କଣ୍ଟା କେଉଁଠି ଅଛନ୍ତି ?
ରାମୁ: ଆଜ୍ଞା ବାବୁ, ଦୁଇଟି କଣ୍ଟା ଘଣ୍ଟା ଭିତରେ ଅଛନ୍ତି ?

# ବିଟ୍‌ର ଉପକାରିତା

**ସ୍ୱା**ସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ବିଟ୍ । ଏଥିରେ ଯଥେଷ୍ଟ କାର୍ବୋହାଇଡ୍ରେଟ୍ ଥିବା ବେଳେ ପ୍ରୋଟିନ୍ କମ୍ ମାତ୍ରାରେ ଥାଏ । ପନିପରିବାର ଜୁସ୍ ମଧ୍ୟରେ ଏହାର ଜୁସ୍ ବେଶ ସ୍ୱାଦଯୁକ୍ତ । ଏହା ପ୍ରାକୃତିକ ଶର୍କରାରେ ଭରପୂର । ଏଥିରେ ସୋଡିୟମ୍, ପୋଟାସିୟମ୍, ଫସ୍‌ଫରସ୍, କ୍ୟାଲସିୟମ୍, ସଲଫର୍, କ୍ଲୋରିନ୍, ଆୟୋଡିନ୍, ଆଇରନ, ଭିଟାମିନ୍ -ବି୧, ବି୨, ଭିଟାମିନ୍ ସି' ମଧ ଉପଲବ୍ଧ । ଏଥିରେ କ୍ୟାଲୋରି ଖୁବ୍ କମ୍ ରହିଛି । ଏହାର ଜୁସ୍ ଅନେକ ରୋଗର ଉପଚାର କରିଥାଏ । ସାଲାଡ୍ କରି ଖାଇବା ଦ୍ୱାରା ମଧ ଲାଭ ମିଳିଥାଏ ।

ରକ୍ତ ଶର୍କରାର ସ୍ତରକୁ ହ୍ରାସ କରିଥାଏ ବିଟ୍ । ଏଥିରେ ରହିଛି ନାଇଟ୍ରେଟ୍‌ସ । ଏହାକୁ ଖାଇବା ଦ୍ୱାରା ଏହା ଆଉ ଏକ ନାଇଟ୍ରିକ୍ ଅକ୍ସାଇଡରେ ପରିବର୍ତ୍ତିତ ହୋଇଯାଏ । ଏହି ଦୁଇ ତତ୍ତ୍ୱ ଧମନୀକୁ ପ୍ରସାରିତ କରିବା ସହ ରକ୍ତଚାପକୁ କମ୍ କରିବାରେ ସହାୟକ ହୋଇଥାଏ । ଗବେଷକଙ୍କ ମତରେ ଦୈନିକ ବିଟ୍ ଖାଇବା ଦ୍ୱାରା ଛ' ଘଣ୍ଟାରେ ବ୍ୟକ୍ତିର ରକ୍ତଚାପ ହ୍ରାସ ପାଏ ।

ଏହା ଖରାପ କୋଲେଷ୍ଟରଲକୁ ହ୍ରାସ କରିଥାଏ । ଏଥିରେ ବହୁ ମାତ୍ରାରେ ଫାଇବର୍, ଫ୍ଲେବୋନଏଡସ ଏବଂ ବିଟାସା ଏନିନ୍ ଉପଲବ୍ଧ । ଏହାକୁ ମଧ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଭାବେ ବିବେଚନା କରାଯାଏ । ବିଟ୍ ହୃଦରୋଗର ସମ୍ଭାବନାକୁ ହ୍ରାସ କରେ ।

ବିଟରେ ଫୋଲିକ୍ ଏସିଡ୍ ଭରପୂର ମାତ୍ରାରେ ରହିଛି । ଗର୍ଭବତୀ ମହିଳା ଏବଂ ତା'ର ଗର୍ଭସ୍ଥ ଶିଶୁ ପ୍ରତି ଏହି ପୋଷକ ତତ୍ତ୍ୱର ଅନେକ ଆବଶ୍ୟକତା ରହିଛି । ଗର୍ଭବତୀ ମହିଳାଙ୍କ ଆନ୍ତଃଶକ୍ତିର ବିକାଶ ଏବଂ ଗର୍ଭସ୍ଥ ଶିଶୁର ମେରୁଦଣ୍ଡ ତିଆରିରେ ଏହା ସହାୟକ କରିଥାଏ ।

ଏଥିରେ ଥିବା ମିନେରାଲ 'ସିଲିକା' କ୍ୟାଲସିୟମ୍‌କୁ ଶରୀର ଉପଯୋଗୀ କରାଇଥାଏ । ଦାନ୍ତ ଏବଂ ହାଡ଼କୁ ମଜଭୂତ କରିବା ପାଇଁ କ୍ୟାଲସିୟମ୍‌ର ଆବଶ୍ୟକତା କଥା ସମସ୍ତେ ଜାଣନ୍ତି । ତେଣୁ ପ୍ରତିଦିନ ଗୋଟିଏ ଗ୍ଲାସ ବିଟ୍ ରସ ପିଇବା ଦ୍ୱାରା ଅଷ୍ଟିଓପୋରୋସିସ୍ ଏବଂ ଅନ୍ୟାନ୍ୟ ଅସ୍ଥିଜନିତ ସମସ୍ୟାରୁ ରକ୍ଷା ମିଳେ । ମଧୁମେହରେ ପୀଡିତ ବ୍ୟକ୍ତି ବିଟ୍ ଖାଇ ମିଠା ପ୍ରତି ଥିବା ଆକର୍ଷଣକୁ ମେଣ୍ଟାଇ ପାରନ୍ତି । ଗୋଟେପଟେ ଏହା ମିଠା ପ୍ରତି ଥିବା ଆକର୍ଷଣକୁ ପୂରଣ କରୁଥିବା ବେଳେ ଅନ୍ୟପଟେ ରକ୍ତଶର୍କରା ସ୍ତରକୁ ନିୟନ୍ତ୍ରିତ କରିଥାଏ । ଏହା କମ୍ କ୍ୟାଲୋରିଯୁକ୍ତ ହେବା ସହ ଫ୍ୟାଟ୍ ଫ୍ରି ହୋଇଥିବାରୁ ମଧୁମେହ ପୀଡିତଙ୍କ ପାଇଁ ଉପଯୋଗୀ ।

ବିଟ୍‌ର ରଙ୍ଗ ଲାଲ୍ ହୋଇଥିବାରୁ ଏହାକୁ ଖାଇବା ଦ୍ୱାରା ରକ୍ତାଭାବ ଦୂର ହୁଏ ବୋଲି ଏକ ବିଶ୍ୱାସ ରହିଛି । ତେବେ ଏହା ସଂପୂର୍ଣ୍ଣ ଅସତ୍ୟ ନୁହେଁ । କଥାଟି ହେଲା ବିଟରେ ଯଥେଷ୍ଟ ଆଇରନ୍ ଥିବାରୁ ଶରୀରରେ ହେମୋଗ୍ଲୋବିନ୍ ସୃଷ୍ଟି କରିଥାଏ ।



ତେଣୁ ରକ୍ତହୀନତା ଭୋଗୁଥିବା ରୋଗୀ ଏହାକୁ ନିୟମିତ ଖାଇବା ଦ୍ୱାରା ଲାଭ ପାଇ ପାରିବ ।

ଆମେରିକାନ୍ ଡାଇବେଟିକ୍ସ ଆସୋସିଏସନର ଏକ ବୈଠକରେ ବିଟ୍ ଶକ୍ତି ବୃଦ୍ଧି କରିଥାଏ' ବୋଲି ମତ ପ୍ରକାଶ ପାଇଥିଲା । ଏହାର ନାଇଟ୍ରେଟ୍ ତତ୍ତ୍ୱ ଧମନୀକୁ ସଙ୍କୁଚିତ ହେବାକୁ ଦିଏ ନାହିଁ । ଏହାଦ୍ୱାରା ଶରୀରର ପ୍ରତ୍ୟେକ ଅଂଶକୁ ଅକ୍ସିଜେନ୍ ଠିକ୍ ଭାବରେ ପହଞ୍ଚି ପାରିଥାଏ ତେଣୁ ଶରୀରର ଶକ୍ତିକୁ ଏହା ବୃଦ୍ଧି କରିଥାଏ । ଏହାବାଦ୍ ଏଥିରେ ଥିବା ଆଇରନ୍ ଶରୀରକୁ ସାମର୍ଥ୍ୟରେ ଭରିଦିଏ ।

ବିଟ୍‌କୁ ପ୍ରାକୃତିକ ଭାଏଗ୍ରା ବୋଲି କୁହାଯାଏ । ପୁରାକାଳରେ ଏହାକୁ ଯୌନସ୍ୱାସ୍ଥ୍ୟ ପାଇଁ ବ୍ୟବହାର କରାଯାଉଥିଲା । ଏଥିରେ ଉପଲବ୍ଧ ବୋରନ୍ ନାମକ ଏକ ରସାୟନ ସେକ୍ସ ହର୍ମୋନ୍ ପ୍ରସ୍ତୁତିରେ ସହାୟତା କରିଥାଏ ।

ବିଟରେ ଥିବା ବିଟାସାୟାନିନ୍ ତତ୍ତ୍ୱ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ । ହାଭାର୍ଡ ୟୁନିଭର୍ସିଟିର ଏକ ଅଧ୍ୟୟନରୁ ଜଣାଯାଇଛି, ସ୍ତନ କର୍କଟ ରୋଗୀ ବିଟ୍ ଖାଇବା ଦ୍ୱାରା ଟ୍ୟୁମର ବଢ଼ୁଥିଲେ ତାହାର ଗତି ୧୨.୫ ପ୍ରତିଶତ ହ୍ରାସ ପାଏ ।

ଏଥିରୁ ମିଳୁଥିବା ଫାଇବର ପାଇଁ ଏହାକୁ ଏକ ରେଚକ ଔଷଧୀ ଭାବେ ବ୍ୟବହାର କରାଯାଏ । ଏହା କୋଷ୍ଠକାଠିନ୍ୟକୁ ହଟାଇ ପେଟକୁ ସଫା କରିଦିଏ ।

ତେବେ ବିଟ୍ ଖାଇବାରେ କିଛି ସାବଧାନତା ମଧ ଅବଲମ୍ବନ ଜରୁରୀ । ଏଥିରେ ଆଇରନ୍ ଏବଂ କପର୍ ପ୍ରଚୁର ମାତ୍ରାରେ ଥାଏ, ତେଣୁ ହେମୋକ୍ରେମେଟୋମିସ୍ ରୋଗୀ ଏହାର ସେବନ କରିବା ଅନୁଚିତ । ଏହାକୁ ଅଧିକ ମାତ୍ରାରେ ଖାଇବା ଦ୍ୱାରା ଡାଇରିଆ ପରି ସମସ୍ୟା ଦେଖାଦିଏ । କିଡନି ରୋଗରେ ପୀଡିତ ବ୍ୟକ୍ତି ମଧ ଏହାକୁ ଅଧିକ ମାତ୍ରାରେ ଖାଇବା ଉଚିତ ନୁହେଁ । ନିମ୍ନ ରକ୍ତଚାପ ପୀଡିତ ବ୍ୟକ୍ତି ଏହାକୁ ଯଥା ସମ୍ଭବ କମ୍ ଖାଆନ୍ତୁ ।

## ଆପଣ ଜାଣନ୍ତି କି ?

- ସାଧାରଣତଃ ଧଳା ଏବଂ ନୀଳ ରଙ୍ଗକୁ ସ୍କୁଲ ପୋଷାକ ଭାବରେ ଗ୍ରହଣ କରାଯାଇଥାଏ ।
- ଛିଙ୍କିବା ସମୟରେ ଆମ ହୃଦ୍‌ପିଣ୍ଡ ମି.ଲି ସେକେଣ୍ଡ ପର୍ଯ୍ୟନ୍ତ ସ୍ଥିର ହୋଇଯାଏ ।
- ଛିଙ୍କିବା ସମୟରେ କିଛି ମୁହୂର୍ତ୍ତ ପାଇଁ ପ୍ରାୟ ସମସ୍ତଙ୍କର ଆଖି ବନ୍ଦ ହୋଇଥାଏ ।
- ପ୍ରାୟ ଶାକାହାରୀ ମଣିଷ କାକୁଡି ଖାଇଥାନ୍ତି ।
- ପୃଥିବୀ ଜାନୁଆରୀ ମାସରେ ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହୋଇଥାଏ ।
- ଜିଭ ବାହାର କରି ନାକରେ ନିଃଶ୍ୱାସ ନେବା ଅସମ୍ଭବ ।
- ମୁଣ୍ଡର କେଶକୁ ଗଣିବା ଅସମ୍ଭବ ।
- ଆମେରିକାରେ ପ୍ରତ୍ୟହ ୨୨୦୦ ଲୋକ ହୃଦ୍‌ରୋଗରେ ମରିଥାନ୍ତି ।
- ଗୋଟିଏ ସିଗାରେଟ୍ ୧୧ ମିନିଟ୍ ଭିତରେ ଜଣଙ୍କ ଜୀବନ ନେଇଥାଏ ।
- ସମୁଦ୍ରକୂଳ ଖରା ଖୁବ୍ ଶୀଘ୍ର ଦେହରେ ସନ୍‌ବର୍ଣ୍ଣ ସୃଷ୍ଟି କରେ ।
- ଅଧିକ ମିଠା ଏବଂ ଚକୋଲେଟ୍ ଖାଉଥିବା ଲୋକ ବେଶୀ ଖୁସୀ ଥାଆନ୍ତି ।
- ବିଶ୍ୱର ସବୁଠୁ ପୁରୁଣା ଡ୍ରେସ୍ ଇଜିପ୍ଟରୁ ମିଳିଥିଲା ଏବଂ ଏହା ୫ ହଜାର ବର୍ଷର ପୁରୁଣା ବୋଲି ଜଣାପଡିଛି ।
- ଅନ୍ଧାର ଘରେ ଗୋଲ୍ଡଫିସ୍ ରଖିଲେ, ସେ ତା'ର ରଙ୍ଗ ହରାଇ ଥାଏ ।
- ଗ୍ରୀନ୍‌ଲ୍ୟାଣ୍ଡରେ ଥିବା ସାର୍କ ଧଳା ଭାଲୁ ଖାଇଥାନ୍ତି ଏବଂ ୨୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି ।

# ବହୁତ ଭଲ ଆମ୍ବ ପଣା

**ଖ**ରାଦିନେ କଞ୍ଚା ଆମ୍ବର ପଣା ବହୁ ରୋଗରୁ ରକ୍ଷା କରିଥାଏ । ଗୋଟିଏ କଞ୍ଚା ଆମ୍ବକୁ ଧୋଇ କାଟି ଛେଚି ପାଣିରେ ସିଝାଇ ଦିଅନ୍ତୁ । ଯେଉଁ ପାଣି ପ୍ରସ୍ତୁତ ହେଲା ସେଥିରେ ଅଳ୍ପ କିଛି ଚିନି, କଳା ଲୁଣ ଏବଂ ପୁଦିନା ପତ୍ର ପକାଇ ଭଲଭାବେ ଗ୍ରାଇଣ୍ଡିଂ କରିବା ପରେ ଥଣ୍ଡା ପାଣିରେ ମିଶାଇ ଦିଅନ୍ତୁ । ଏବେ ଆମ୍ବ ପଣା ପ୍ରସ୍ତୁତ । ଏଥିରେ ଗୋଲ ମରିଚ ଏବଂ ଭଜା ଜୀରା ଗୁଣ୍ଡ ଭଲଭାବେ ମିଶାଇ ଛୋଟ ବରଫ ଖଣ୍ଡ ପକାଇ ଥଣ୍ଡା ଥଣ୍ଡା ପିଅନ୍ତୁ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏଥିରେ ପୋଟାସିୟମ୍, ସୋଡିୟମ୍ ଭଳି ଇଲେକ୍ଟ୍ରୋଲାଇଟ୍ସ ରହିଥିବାରୁ ଏହା ଲୁ'ରୁ ରକ୍ଷା କରିଥାଏ । ଏହା ବଡିର ଫ୍ଲୁଇଡ ଲେବଲ ମେଣ୍ଟେନ ରଖିଥାଏ, ଯାହା ଖରାଦିନେ ଡିହାଇଡ୍ରେସନରୁ ରକ୍ଷା କରିଥାଏ । ଏଥିରେ ଭିଟାମିନ୍ ସି, ପ୍ରୋଟିନ ଏବଂ ଫାଇବର ଭଳି ଇନଗ୍ରିଡିଆଣ୍ଟ ବ୍ୟାଡ୍ କୋଲେଷ୍ଟେରଲ ଲେବଲକୁ କମ୍ କରିଥାଏ ।



ଏଥିରେ ଥିବା ଟାଷ୍ଟରିକ ଏସିଡ ଏବଂ ମେଲିକ୍ ଏସିଡ ବଡିର ଆଲକାଲାଇନ ଲେବଲକୁ ମେଣ୍ଟେନ କରି କିଡନୀକୁ ହେଲଦୀ ରଖିଥାଏ । ଏଥିରେ କ୍ୟାଲୋରୀର ମାତ୍ରା କମ୍ ଥାଏ । ଏଥିରେ ଫାଇବର ରହିଥିବାରୁ ଡାଇଜେସନ ଠିକ୍ କରିଥାଏ । ମେଟାବଲିଜମ୍ ଖୁବ୍ ଭଲ ରହିବା ଯୋଗୁଁ ମୋଟାପା କମ୍ ହୋଇଥାଏ । ଆମ୍ବ ପଣାରେ ରହିଥିବା ଫାଇବର୍ସ ଜୀରା, ଧନିଆ ଭଳି ପଦାର୍ଥ ଗ୍ୟାଷ୍ଟ୍ରିକ୍ ଅସୁବିଧା ଦୂର କରିଥାଏ । ଏସିଡିଟିରୁ ମଧ ରକ୍ଷା କରିଥାଏ । ଏଥିରେ ଥିବା ଭିଟାମିନ୍ ସି' ଏବଂ ଆଣ୍ଟିଅକ୍ସିଡାଣ୍ଟସ ତଥା ଢ଼େର ନ୍ୟୁଟିଆଣ୍ଟସ ରହିଥିବାରୁ ସ୍କିନକୁ ହେଲ୍‌ଦୀ ରଖିଥାଏ । ସ୍କିନ୍ ଡ୍ରାୟ୍ ହୁଏ ନାହିଁ ବରଂ ଗ୍ଲୋ କରିଥାଏ । ଏଥି ସହିତ ଥଣ୍ଡା କାଶ ଭଳି ରୋଗରୁ ମଧ ରକ୍ଷା କରିଥାଏ । ଏଥିରେ ଥିବା ଭିଟାମିନ୍ ଏ, ଭିଟା କ୍ୟାରୋଟିନ୍ ଏବଂ ଆଲ୍ଫା କ୍ୟାରୋଟିନ୍ ଭଳି ଫ୍ଲେଭୋନଏଡ ଆଖି ରୋଗରୁ ରକ୍ଷା କରିଥାଏ ଏବଂ ଦୃଷ୍ଟିଶକ୍ତି ମଧ ଭଲ ହୋଇଯାଏ ।

# ସ୍ୱାସ୍ଥ୍ୟପକ୍ଷେ ଭଲ ପିଜୁଳି ପତ୍ର

**ପି**ଲାବେଳେ ପିଜୁଳି କଢ଼ ଖାଇବାକୁ ଗାଁ କବିରାଜ ପରାମର୍ଶ ଦେଉଥିଲେ । ହେଲେ ଏବେ ଜଣାଯାଇଛି ଯେ, ଖାଲି ପିଜୁଳି ନୁହେଁ ପିଜୁଳି ପତ୍ର ଖାଇବା ଦ୍ୱାରା ବହୁ ଫାଇଦା ମିଳିଥାଏ । ପିଜୁଳି ପତ୍ରରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆଣ୍ଟିଇନ୍‌ଫ୍ଲାମେଟ୍ରି ତତ୍ତ୍ୱ ଭରପୂର ରହିଛି । ତେଣୁ ଏହା ତ୍ୱଚା, କେଶ ଏବଂ ସ୍ୱାସ୍ଥ୍ୟ ପାଇଁ ଏକ ମହୌଷଧି ଭଳି । ଖାଲି ସେତିକି ନୁହେଁ ପିଜୁଳି ପତ୍ରକୁ ସେମିତି ଚୋବେଇ ଖାଇଲେ କି ଏହାର ରସ ପିଇଲେ କିମ୍ବା କଅଁଳ ପତ୍ରକୁ ଚୋବେଇ ଖାଇଲେ ବହୁତ ଉପକାର ମିଳିଥାଏ ।



ପିଜୁଳି ପତ୍ର କିମ୍ବା କଢ଼ ଖାଇଲେ ଓଜନ କମ୍ ହେବାରେ ସହାୟକ ହୋଇଥାଏ । ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଭଲ । ଏହା ବ୍ଲଡ ପ୍ରେସରକୁ କଣ୍ଟ୍ରୋଲ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ । ଏହା ଡାଇରିଆରୁ ରକ୍ଷା କରିଥାଏ । ପିଜୁଳି ପତ୍ର ମଧ ପାଚନ ତନ୍ତ୍ରକୁ ଠିକ୍‌ଠାକ୍ ରଖିବାରେ ସହାୟକ ହୋଇଥାଏ ।

# କହିପାରିବେ କି ?

(୧) 'ଦେବଦାଶ' ଉପନ୍ୟାସର ଲେଖକ କିଏ ?
(୨) ମହିମା ଧର୍ମର ମୂଳପୀଠ କେଉଁଠାରେ ଅଛି ?
(୩) ଜମ୍ମୁକାଶ୍ମୀର ଉପରୁ ଧାରା ୩୭୦ କେତେ ବର୍ଷ ହେଲାଣି ଉଚ୍ଛେଦ ହୋଇଛି ?
(୪) ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ ହେବାର ଗୌରବ କିଏ ଅର୍ଜନ କରିଛନ୍ତି ?
(୫) ସୁନୀଲ ଛେତ୍ରୀ କେଉଁ ଖେଳ ପାଇଁ ପ୍ରସିଦ୍ଧ ?
(୬) ରାଜ୍ୟପାଳଙ୍କୁ କିଏ ଶପଥ ପାଠ କରାଇଥାନ୍ତି ?
(୭) 'ମଧୁବନି' ଚିତ୍ରକଳା କେଉଁ ରାଜ୍ୟ ସହ ସମ୍ପର୍କିତ ?
(୮) ବିଂଶ ଶତାବ୍ଦିର ଶେଷ ମହାକୁମ୍ଭ କେଉଁଠାରେ ହୋଇଥିଲା ?
(୯) କଲମ୍ବସ୍ କେବେ ଆମେରିକା ଆବିଷ୍କାର କରିଥିଲେ ?
(୧୦) ନୋବେଲ ପୁରସ୍କାର ବିଜେତା ଅମର୍ତ୍ତ୍ୟସେନ୍ କେଉଁ କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ରସିଦ୍ଧ ?

## JUMBLE WORDS

| | | | |
|---|---|---|---|
| 1) ARWEV | = | 6) LTETI | = |
| 2) ZWTAL | = | 7) DYOTID | = |
| 3) HOONBB | = | 8) SLYOSG | = |
| 4) TVANIE | = | 9) FLWERO | = |
| 5) MLATE | = | 10) ANLAMI | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. କୁରୁକ୍ଷେତ୍ର ଯୁଦ୍ଧସ୍ଥଳ, ୨. ତାନସେନ, ୩. ଗ୍ରୀଷ୍ମ, ୪. ଭାରତ, ୫. ଭିଟାମିନ୍ ଏ, ୬. ରେଡିଏସନ, ୭. ଲଅଫ୍ ଫଟୋ ଇଲେକ୍ଟ୍ରି ଇଫେକ୍ଟ, ୮. ଜେ.ଏଲ୍.ବେୟଡ, ୯. ବାବର, ୧୦. କୋଣାର୍କର ସୂର୍ଯ୍ୟ ମନ୍ଦିର ।

***Jumble Words*** ର ଉତ୍ତର :-

(1) STYLE (2) PROWL (3) SUMMER (4) FONDLY (5) HUTCH (6) HOIST (7) GLADLY (8) FIBBER (9) DEPTH (10) CLOUT

# ନୃସିଂହ ଗୁରୁ ସ୍ମୃତି ସମିତିର... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)





ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସିଜଲ ବାଗ୍ ତୃତୀୟ ହୋଇଛନ୍ତି । ସେହିପରି ଗ୍ରୁପ୍ ଡି'ରେ ଲେଡିଲୁଇସ୍ ଗାର୍ଲ୍ସ ହାଇସ୍କୁଲର ପ୍ରତୀକ୍ଷା ବେହେରା ପ୍ରଥମ, ବିକାଶ ଦି' କନସେପ୍ଟ ସ୍କୁଲର ଅଭିଜିତ୍ ମେହେର ଦ୍ୱିତୀୟ, ସେଣ୍ଟ ଯୋସେଫ୍ କନଭେଣ୍ଟ ହାଇୟର ସେକେଣ୍ଡାରୀ ସ୍କୁଲର ସବ୍ୟସାଚୀ ପାଢ଼ୀ ଓ ଧନୁପାଲି ଶ୍ରୀ ଗଣେଶ ହାଇସ୍କୁଲର ବିଦୁଷି ମଧୁଆଲ ଯୁଗ୍ମ ଭାବେ ତୃତୀୟ ହୋଇଛନ୍ତି । ଓଡ଼ିଆ ହସ୍ତଲିଖନ ପ୍ରତିଯୋଗିତାରେ ବଡେମୁରାର ଏସ.ଏ.ଆଇ.ଏସ.ଏନ୍ ର ଗାୟତ୍ରୀ ଜାଲ ଓ କାମ୍ୟା ସାହୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିବା ବେଳେ ଦୟାନନ୍ଦ ପବ୍ଲିକ ସ୍କୁଲର ସାତ୍ତ୍ୱିକ ପାଣିଗ୍ରାହୀ ତୃତୀୟ ହୋଇଛନ୍ତି । ଗ୍ରୁପ୍ ବି'ରେ ଧନକଉଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୈଷ୍ଣବୀ ଶର୍ମା ପ୍ରଥମ, ସିଦ୍ଧେଶ୍ୱର ବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ହିମାଦ୍ରୀ ଜାଲ ଦ୍ୱିତୀୟ ଏବଂ ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସିଜଲ ବାଗ୍ ତୃତୀୟ ହୋଇଛନ୍ତି । ଗ୍ରୁପ୍ ସି'ର ସିଦ୍ଧେଶ୍ୱର ବେର୍ଣ୍ଣା ଶିଶୁ ବିଦ୍ୟାମନ୍ଦିରର ସୁକୁମାର ସାହୁ ପ୍ରଥମ, ଲେଡିଲୁଇସ୍ ବାଳିକା ସ୍କୁଲର ଲକ୍ଷ୍ମୀପ୍ରିୟା ଭଇଁଷା ଓ ପ୍ରତୀଭା ସାହୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକ, ସଙ୍ଗୀତ ନିର୍ଦ୍ଦେଶକ ମୋତିଲାଲ ଦୋରା, ମିତା ପ୍ରଧାନ, ଶ୍ରୀମତୀ ଶେଫାଳି ରାଣୀ ଦାଶ, ପ୍ରଦ୍ୟୋତ କୁମାର ମିଶ୍ର, ପଦ୍ମନାଭ ମହାକୁର, ପ୍ରତିଭା ମିଶ୍ର, ଚନ୍ଦ୍ରପ୍ରଭା କର ପ୍ରମୁଖ ଯୋଗ ଦେଇଥିଲେ । ରାଜେନ୍ଦ୍ର ପଣ୍ଡା, ଜଗବନ୍ଧୁ ବେହେରା, ପ୍ରଫୁଲ୍ଲ ଗୁରୁ, କାର୍ତ୍ତିକ ପ୍ରସାଦ ବହିଦାର, ବ୍ରଜମୋହନ ପଟ୍ଟନାୟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ସ୍ୱାଇଁ, ଶାନ୍ତ୍ୱନାମୟୀ ଷଡ଼ଙ୍ଗୀ, ରାଙ୍ଗେୟନାଥ ଷଡ଼ଙ୍ଗୀ, ମିତା ପ୍ରଧାନ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ଜାନୁୟାରୀ ୨ ତାରିଖ ଦିନ ସନ୍ଧ୍ୟା ୫ଟାରେ ନୃସିଂହ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୟୁଟିଲିଟି ହଲ୍‌ରେ ଆୟୋଜିତ ହେବାକୁ ଥିବା ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ।

# ସ୍ୱର୍ଗତ କିଶୋର ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ବିଭିନ୍ନ ପ୍ରତିଯୋଗିତା

ଝାରସୁଗୁଡ଼ା: ବିଧାନସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ କିଶୋର ମହାନ୍ତି ଜଣେ ଦରଦୀ ରାଜନେତା ଭାବେ ସଭିଙ୍କ ପ୍ରିୟଭାଜନ ହୋଇ ପାରିଥିଲେ ବୋଲି ଛାତ୍ରଛାତ୍ରୀମାନେ ମତ ପ୍ରକାଶ କରିଛନ୍ତି । ସ୍ୱର୍ଗତ କିଶୋର ମହାନ୍ତିଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତି କମିଟି ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ହାଇସ୍କୁଲରୁ ଛାତ୍ରଛାତ୍ରୀ ଭାଗ ନେଇ କିଶୋର ମହାନ୍ତି ଏକ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ' ଶୀର୍ଷକ ବିଷୟ ବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ । ଛାତ୍ରଛାତ୍ରୀମାନେ କହିଥିଲେ ଯେ, ଝାରସୁଗୁଡ଼ାକୁ ଜିଲ୍ଲା ଭାବେ ଗଢ଼ି ତୋଳିବାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଯେତିକି ଶ୍ରେୟ ଦିଆଯିବ ଠିକ୍ ସେତିକି କିଶୋର ମହାନ୍ତିଙ୍କୁ ମଧ ଦିଆଯିବ । ଝାରସୁଗୁଡ଼ା କ୍ଷେତ୍ରରେ ଔଦ୍ୟୋଗିକ ବିକାଶ ଦିଗରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ଝାରସୁଗୁଡ଼ା ମାଟିର ଭୂମିପୁତ୍ର ଭାବେ ସଦାସର୍ବଦା ତାଙ୍କର ସେବା କାର୍ଯ୍ୟ ଏବଂ ବିକାଶ ଦିଗରେ ଅବଦାନ ତାଙ୍କୁ ଅମର କରି ରଖିବ ବୋଲି ପ୍ରତିଯୋଗୀମାନେ ମତ ରଖିଥିଲେ । ପ୍ରତିଯୋଗିତାରେ ଝାରସୁଗୁଡ଼ା ଜେଏନ୍‌ର ଛାତ୍ରୀ ସୌମ୍ୟଲତା ଜୟପୁରିଆ ପ୍ରଥମ, ସେଣ୍ଟ ଥୋମାସ ସ୍କୁଲର ପ୍ରିୟଂଶୀ କେଶରୀ, ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିରର ଅଭିରୁଚି ସାହୁ ଏବଂ ଲିଟିଲ ଷ୍ଟାର୍ ପବ୍ଲିକ ସ୍କୁଲର ପ୍ରତ୍ୟୁଷ ପ୍ରୀତମ ରାଉଳ ଦ୍ୱିତୀୟ ଏବଂ ସେଣ୍ଟର ଅଫ ଅରୋମା ଇଣ୍ଟିଗାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚର ଅମିତ କୁମାର ଭଞ୍ଜ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅରୁଣ ଚଇନି ଏବଂ ରତ୍ନାକର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାଧାପକ ତପନ କୁମାର ବାରିକ, ଡକ୍ଟର ସରୋଜ କୁଅଁର, ସାମ୍ବାଦିକ ମେହବୁବ ମାହତାବ ବିଚାରକ ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧରେ ପୂର୍ବ ବିଧାୟିକା ଅଳକା ମହାତି, କିଶୋର ବାବୁଙ୍କ ପୁଅ ପୁରୁଷୋତ୍ତମ ମହାନ୍ତି, ପୂର୍ବ ନଗରପାଳ ତାପସରାୟ ଚୌଧୁରୀ, ହରିଶ ଗଣତ୍ରା, ତ୍ରିନାଥ ଗୁଆଲ, ଅଞ୍ଜେଶ ସିଂ, ସ୍ମୃତି କମିଟି ଆବାହକ ମନୋରଞ୍ଜନ ମହାପାତ୍ର, ସାଞ୍ଚାଳୀ ମୁଖାର୍ଜୀ ଓ ଶଶୀ ତିୱାରି ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ ।

# ଝାରସୁଗୁଡ଼ା 'ଜିଲ୍ଲାପାଳଙ୍କ ସହ ଦିନଟିଏ' କାର୍ଯ୍ୟକ୍ରମ



ଝାରସୁଗୁଡ଼ା : ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ, ସୃଜନଶୀଳତାର ବିକାଶ ଏବଂ ଆଗାମୀ ଦିନରେ ସେମାନଙ୍କୁ ରାଷ୍ଟ୍ର ଗଠନରେ ସମର୍ପିତ ନାଗରିକ ଭାବରେ ଗଢ଼ି ତୋଳିବା ପାଇଁ ଝାରସୁଗୁଡ଼ା ସମଗ୍ର ଶିକ୍ଷା ପକ୍ଷରୁ ଆରମ୍ଭ କରାଯାଇଥିବା 'ଜିଲ୍ଲାପାଳଙ୍କ ସହ ଦିନଟିଏ' କାର୍ଯ୍ୟକ୍ରମର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଲଖନପୁର ବ୍ଲକର ଦେବକୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସ୍ମରଣିକା ବଡ଼େଇ ବେଷ୍ଟ ଇସ୍ରୋଭର ଭାବରେ ଏବଂ ଝାରସୁଗୁଡ଼ା ବ୍ଲକର ନେହେରୁ ମେମୋରିଆଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ପ୍ରଧାନ ବେଷ୍ଟ ପରଫର୍ମର ଭାବରେ ଚୟନ ହୋଇଥିଲେ । ଏହି ଦୁଇ ଛାତ୍ରୀ ଜିଲ୍ଲାପାଳଙ୍କ ସହିତ ବିଭିନ୍ନ ବୈଠକ ଓ କାର୍ଯ୍ୟରେ ଯୋଗଦେଇଥିଲେ । ଲଇକେରା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ଜଣେ ଜିଲ୍ଲାପାଳ କିପରି ସାଧାରଣ ଜନତାଙ୍କର ଅଭିଯୋଗ ଶୁଣିବା ସହ ସେ ସବୁର ସମାଧାନ କରନ୍ତି ତାହା ଶିଖିଥିଲେ । ଜିଲ୍ଲାପାଳ ଛାତ୍ରୀ ଦୁଇ ଜଣଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହୋଇ ଦେଶ ସେବା କରିବା ପାଇଁ ପ୍ରେରଣା ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ରାଧାକାନ୍ତ ଗଡ଼ତିଆ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

# ନୂତନ ଗବେଷଣା ପାଇଁ ବାଟ ଫିଟିଲା

ବୁର୍ଲା : ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ରସାୟନ ବିଭାଗକୁ ନୂଆଦିଲ୍ଲୀର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମି ଉନ୍ନତି ପାଣ୍ଠି କାର୍ଯ୍ୟକ୍ରମ ଅଧିନରେ ୫ ବର୍ଷ ପାଇଁ ୧.୦୯ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି । ନୂତନ ସାମଗ୍ରୀର ସଂଶ୍ଳେଷଣ ଏବଂ ଚରିତ୍ରୀକରଣ ପାଇଁ ଉନ୍ନତ ଗବେଷଣା ସୁବିଧା ବିକାଶ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଯାହା ବିଭିନ୍ନ ଗବେଷଣା ପାଇଁ ସହାୟକ ହେବା ସହ ଗବେଷଣା ଲବ୍ଧ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ । ସେଗୁଡ଼ିକର ପେଟେଣ୍ଟ କରିବା ସହ ବିଭିନ୍ନ ଶିଳ୍ପଗୁଡ଼ିକୁ ଯୋଗାଇବା ସହଜ ହେବ ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ମିଳିବ ୧୦୦ କୋଟିର ସ୍ୱତନ୍ତ୍ର ଅନୁଦାନ



ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟ 'ମେରୁ'(ମଲ୍ଟି- ଡିସିପ୍ଲିନାରି ଏଡୁକେସନ ଆଣ୍ଡ ରିସର୍ଚ୍ଚ ୟୁନିଭର୍ସିଟି) ମାନ୍ୟତା ପାଇଁ ମନୋନୀତ ହୋଇଛି । ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ କେନ୍ଦ୍ର ସରକାର ୧୦୦ କୋଟି ଟଙ୍କା ଅନୁଦାନ ଯୋଗାଇଦେବେ । ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ନିରନ୍ତର ବିଭିନ୍ନ ଗବେଷଣା ଅନୁଷ୍ଠିତ ହୋଇ ଆସୁଛି । କିଛି କ୍ଷେତ୍ରର ଗବେଷଣା ପାଇଁ ମାଇଲଖୁଣ୍ଟ ସ୍ଥାପନ କରିବାରେ ସଫଳ ହୋଇଛି । ବର୍ତ୍ତମାନ 'ମେରୁ'ର ମାନ୍ୟତା ପାଇବା ପରେ ଅନ୍ତର୍ଜାତୀୟ ସ୍ତରର ଗବେଷଣା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇପାରିବ ବୋଲି ଶିକ୍ଷାବିତ ମହଲରେ । ମତପ୍ରକାଶ ପାଇଛି ।

# ମନମୋହନ ସିଂହ... ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବିଭିନ୍ନ କଟକଣା ପ୍ରତ୍ୟାହାର କରାଯିବା ଫଳରେ ବିଦେଶୀ କମ୍ପାନୀଗୁଡିକ ସେତେବେଳେ ଭାରତରେ ପୁଞ୍ଜି ନିବେଶ ପାଇଁ ଆଗେଇ ଆସିଥିଲେ । ତାଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଶିକ୍ଷା ଅଧିକାର ଆଇନ, ମନରେଗା, ଜାତୀୟ ଗ୍ରାମ୍ୟ ସ୍ୱାସ୍ଥ୍ୟ ମିଶନ, ସୁଚନା ଅଧିକାର ଆଇନ ଭଳି ଏକାଧିକ ଲୋକାଭିମୁଖୀ ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା । ଏହି ସମୟରେ ଦେଶର ଜିଡିପି ୯ ପ୍ରତିଶତକୁ ବୃଦ୍ଧି ପାଇଥିଲା । ତାଙ୍କର ଶାସନକାଳରେ ସର୍ବଶିକ୍ଷା ଅଭିଯାନ ଆରମ୍ଭ ହୋଇଥିବା ବେଳେ ଦେଶରେ ୮ଟି ନୂଆ ଆଇଆଇଟି ସ୍ଥାପନ କରାଯାଇଥିଲା । ଆତଙ୍କବାଦ ଦମନ କରିବାକୁ ୟୁଏପିଏ ଆଇନ ପ୍ରଣୟନ ଓ ଏନଆଇଏ ପ୍ରତିଷ୍ଠା କରିବାର ଶ୍ରେୟ ତାଙ୍କୁ ଦିଆଯାଏ । ୧୯୩୨ ମସିହା ସେପ୍ଟେମ୍ବର ୨୬ ତାରିଖରେ ପଞ୍ଜାବର ଗାହସହର (ବର୍ତ୍ତମାନ ପାକିସ୍ତାନ)ରେ ଏକ ଶିଖ୍ ପରିବାରରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ସିଂ ବ୍ରିଟେନର ଅକ୍ସଫୋର୍ଡ୍ ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ଡକ୍ଟରେଟ ଡିଗ୍ରୀ ହାସଲ କରିବା ପରେ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଅର୍ଥଶାସ୍ତ୍ର ବିଭାଗର ଅଧାପକ ଓ ପ୍ରାଧାପକ ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ଜି.ଏମ୍.ୟୁ ଦ୍ୱାରା ପ୍ରକାଶିତ ମିତ୍ରଭାନୁ ଗ୍ରନ୍ଥାବଳୀର ଦ୍ୱିତୀୟ ଭାଗ ଉନ୍ମୋଚିତ





ସମ୍ବଲପୁର : ମିତ୍ରଭାନୁ ଗ୍ରନ୍ଥାବଳୀ ପ୍ରକାଶ କରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରୀ ଭାଷା ଏବଂ ସଂସ୍କୃତିର ଉତ୍ତରଣ ଦିଗରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ କହିଛନ୍ତି ।

ବିଶ୍ୱ ପ୍ରସିଦ୍ଧ 'ରଙ୍ଗବତୀ' ଗୀତର ଗୀତିକାର ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ରଚିତ ବିଭିନ୍ନ କାବ୍ୟ ଓ ଗୀତି କବିତାକୁ ନେଇ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ମିତ୍ରଭାନୁ ଗ୍ରନ୍ଥାବଳୀର ଦ୍ୱିତୀୟ ଭାଗର ଉନ୍ମୋଚନ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ଦେଇ ବିଶ୍ୱବିଦ୍ୟାଳୟର ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି । ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚୀନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଗ୍ରନ୍ଥାବଳୀ ଉନ୍ମୋଚନ କରିଥିଲେ । ସେ ତାଙ୍କ ଭାଷଣରେ କହିଥିଲେ ଯେ, ଅଞ୍ଚଳର କବି ଏବଂ ଲେଖକମାନଙ୍କର ଲେଖା ଗୁଡିକ ବିଶ୍ୱ ବିଦ୍ୟାଳୟ ମାନେ ପ୍ରକାଶ କରିବାର ଆବଶ୍ୟକତା ରହିଛି । ଏହାଛଡ଼ା ସେହି ଲେଖାଗୁଡିକ ପାଠ୍ୟକ୍ରମରେ ସ୍ଥାନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏ ଦିଗରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କାମର ସେ ଉଚ୍ଚ ପ୍ରଶଂସା କରିଥିଲେ ।

ଉତ୍ସବରେ ବିଶିଷ୍ଟ ସଂସ୍କୃତି ଗବେଷକ ଡକ୍ଟର ଦ୍ୱାରିକା ନାଥ ନାୟକ ଯୋଗ ଦେଇ ମିତ୍ରଭାନୁ ଗୌନ୍ତିଆଙ୍କୁ ଜଣେ ରସିକ ଓ ଦରଦୀ କବି ରୂପେ ଅଭିହିତ କରି କହିଥିଲେ ଯେ, ସେ ରଙ୍ଗବତୀ ଗୀତ ସହିତ ହଜାର ହଜାର ଗୀତ ଓ କାବ୍ୟ ଲେଖିଛନ୍ତି । ଏହି ଗ୍ରନ୍ଥାବଳୀରେ ବୀର ସୁରେନ୍ଦ୍ର ସାଏଙ୍କ ଭଉଣୀ ଅଞ୍ଜନାକୁ ନେଇ ରଚିତ କାବ୍ୟ ଏବଂ ତାଙ୍କ ତ୍ୟାଗ ଓ ମହିମା କଥା ସ୍ଥାନ ପାଇଛି ବୋଲି ସେ କହିଥିଲେ ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗାରାଜୁ ଉତ୍ସବରେ ଯୋଗ ଦେଇ କହିଥିଲେ ଯେ, ସ୍ଥାନୀୟ ଇତିହାସ, ସଂସ୍କୃତି ଓ ପରମ୍ପରା ବାବଦରେ ବହୁତ ଲୁଚି ରହିଥିବା ତଥ୍ୟ ଏହି ଗ୍ରନ୍ଥାବଳୀରେ ସ୍ଥାନ ପାଇଛି । ଏହା ନୂଆଁ କରି ଲେଖୁଥିବା ଲେଖକ ଓ କବି ମାନଙ୍କୁ ପ୍ରୋତ୍ସାହିତ କରିବା ସଙ୍ଗେ ସମ୍ବଲପୁର ଓ ପଶ୍ଚିମ ଓଡ଼ିଶା ଐତିହାସିକ ଗରିମାକୁ ପୃଥିବୀରେ ପହଞ୍ଚାଇବ ବୋଲି କହିଥିଲେ ।

ଗ୍ରନ୍ଥାବଳୀର ସମ୍ପାଦନା ମଣ୍ଡଳୀର ସଭ୍ୟ ଏବଂ ବିଶ୍ୱବିଦ୍ୟାଳୟର ଭୀମଭୋଇ ଗବେଷଣା କେନ୍ଦ୍ରର ପ୍ରଫେସର ପ୍ରଦୀପ କୁମାର ପଣ୍ଡା କହିଥିଲେ ଯେ, ମିତ୍ରଭାନୁ ଗୌନ୍ତିଆ ଲେଖିଥିବା ଆଠଟି କାବ୍ୟ ଏବଂ କେତେକ ଗୀତି କବିତା ସ୍ଥାନ ପାଇଛି । ଶ୍ରୀ ଗୌନ୍ତିଆ ଗୀତି କବିତାର କବି ଭାବେ ଚର୍ଚ୍ଚିତ ହେଉଥିଲେ ମଧ ତାଙ୍କ ସାତ ଦଶନ୍ଧିର ସାରସ୍ୱତ ସାଧନାରେ ସେ ୧୮ ଖଣ୍ଡ କାବ୍ୟ, ଶହ ଶହ ଗୀତ, ଗୀତି କବିତା ଓ ନାଟକ ଲେଖିଛନ୍ତି । ଏ ଅଞ୍ଚଳର ସଂସ୍କୃତି ଉପରେ ତାଙ୍କର ସବୁ ଲେଖା ଆଧାରିତ ବୋଲି ଶ୍ରୀ ପଣ୍ଡା କହିଥିଲେ । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଏହି ଉତ୍ସବରେ ଯୋଗ ଦେଇ ମିତ୍ରଭାନୁ ଗ୍ରନ୍ଥାବଳୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରକାଶ କରିଥିବାରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ । ସମ୍ବଲପୁର ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗ୍ ମଧ ଏଥିରେ ଭାଷଣ ଦେଇ ମିତ୍ରଭାନୁ ଗୌନ୍ତିଆଙ୍କ ରଚିତ ବିଭିନ୍ନ ନାଟକ ଓ ଗୀତ ପରିବେଷଣ କରି ସମ୍ବଲପୁର ଆକାଶବାଣୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରସ୍କୃତ ହେଉଛି ବୋଲି କହିଥିଲେ । ବିଦ୍ୟାଳୟର ଉପକୂଳ ସଚିବ ଡକ୍ଟର ଉମା ଚରଣ ପତି ଧନ୍ୟବାଦ ଅର୍ପଣ କରିଥିଲେ । କୁଳସଚିବ ସନତ କୁମାର ନାୟକ, ପିଜି କାଉନସିଲର ଅଧକ୍ଷ ଜ୍ଞାନ ରଞ୍ଜନ ସ୍ୱାଇଁ ଏବଂ ଗ୍ରନ୍ଥାବଳୀର ସମ୍ପାଦନା ମଣ୍ଡଳୀ ସଭ୍ୟ ଡକ୍ଟର ଶ୍ୟାମ ଭୋଇ ପ୍ରମୁଖ ଯୋଗ ଦେଇଥିଲେ ।

# କିଡିଜ୍ ଫାଉଣ୍ଡେସନର ବାର୍ଷିକ ଓ ସମାବର୍ତ୍ତନ ଉତ୍ସବ





ସମ୍ବଲପୁର : କିଡିଜ୍ ଫାଉଣ୍ଡେସନର ସପ୍ତମ ବାର୍ଷିକ ଓ ସମାବର୍ତ୍ତନ ଉତ୍ସବ ତପସ୍ୱିନୀ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଏବଂ ରୀନା ଷଡ଼ଙ୍ଗୀଙ୍କ ସଂଯୋଜନାରେ ହୋଇଥିବା ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି ଏବଂ ଆଇନଜୀବୀ ବନ୍ଦିତାରାଣୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ୍ ବଣ୍ଟନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ରମେଶ ସାହା ଏବଂ ନିର୍ଦ୍ଦେଶିକା ଶ୍ରୀମତୀ ତମନ୍ନା ସାମନ୍ତରାୟ ଏଥିରେ ଭାଷଣ ଦେଇ ଛାତ୍ରଛାତ୍ରୀମାନଙ୍କର ସଫଳତା ଏବଂ ଅଭିଭାବକ ମାନଙ୍କର ସହଯୋଗ ପାଇଁ କିଡିଜ୍ ଫାଉଣ୍ଡେସନ୍ ଗୋଟିଏ ପ୍ରତିଷ୍ଠିତ ଅନୁଷ୍ଠାନ ରୂପେ ପରିଚୟ ପାଇ ପାରିଛି ବୋଲି କହିଥିଲେ । ୟୁକେଜି ଛାତ୍ରୀ କନକ ମିଶ୍ର, ଏଲ.କେ.ଜି ର ଆଦିଶ୍ରୀ ପଣ୍ଡା ଏବଂ ନର୍ସରୀର ମହସ୍ୱିନ ନାଥ ଚଳିତ ବର୍ଷର ଷ୍ଟୁଡେଣ୍ଟ ଅଫ୍ ଦି' ଇୟର ହୋଇ ପୁରସ୍କୃତ ହୋଇଥିଲେ । ସେହିପରି ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ରାଇଜିଙ୍ଗ୍ ଷ୍ଟାର ଏଜୁକେଟର ଏବଂ କଲ୍ୟାଣୀ ହୋତା ଡେଡିକେଟେଡ୍ ଟିଚର୍ ଅଫ୍ ଦି' ଇୟର ଭାବେ ସମ୍ମାନିତ ହୋଇଥିଲେ । ପରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ପ୍ୟୁପିଲେଜ୍ ଗୁରୁକୁଳ ସ୍କୁଲର ବାର୍ଷିକୋତ୍ସବ











ସମ୍ବଲପୁର : ପ୍ୟୁପିଲେଜ୍ ଟୁଏନଟି ଫାଷ୍ଟ ସେନଚ୍ୟୁରି ଗୁରୁକୁଳ ସ୍କୁଲର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଓଡ଼ିଶା ସାଂସ୍କୃତିକ ଭବନ ଠାରେ ପାଳିତ ହୋଇଯାଇଛି । ଶ୍ରୀମତୀ ଅନାମିକା ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧୀଶ ଡକ୍ଟର ଗିରିଧାରୀ ହୋତା ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ଅଧାପିକା ଶ୍ରୀମନ୍ତିକା ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର କର୍ମକର୍ତ୍ତା ସଞ୍ଜୟ କୁମାର ପଣ୍ଡା ମଧ ଏଥିରେ ମଞ୍ଚାସୀନ ଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଡକ୍ଟର ସୁଦର୍ଶନ ପୂଜାରୀଙ୍କ ପରଲୋକ



ସମ୍ବଲପୁର : ଦର୍ଶନ ଶାସ୍ତ୍ରର ଧୁରୀଣ ଅଧାପକ, ବାଗ୍ମୀ, ସାହିତ୍ୟିକ ଓ ପ୍ରାବନ୍ଧିକ ଡକ୍ଟର ସୁଦର୍ଶନ ପୂଜାରୀଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୭୫ ବର୍ଷ ବୟସ ହେଉଥିଲା । ଗତ କିଛିଦିନ ହେବ ସେ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ । ସେ ତାଙ୍କ ପଛରେ ସ୍ତ୍ରୀ ଶାନ୍ତା, ଦୁଇ ଝିଅ ଜିଜ୍ଞାସା ଓ ଜୀଗିଷାଙ୍କୁ ଛାଡି ଯାଇଛନ୍ତି । ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଲୁପୁରସିଂହା ଗ୍ରାମରେ ଜନ୍ମିତ ସ୍ୱର୍ଗତ ପୂଜାରୀ ତାଳଚେର, କୁଚିଣ୍ଡା, ଝାରସୁଗୁଡ଼ା, ଅତାବିରା କଲେଜରେ ଅଧାପନା କରିବା ପରେ ୨୦୧୧ ମସିହାରେ ବରଗଡ଼ ମହିଳା କଲେଜର ଅଧକ୍ଷ ଭାବେ ଅବସର ଗ୍ରହଣ କରିଥିଲେ । ତାଙ୍କ ଦ୍ୱାରା ରଚିତ 'ଜୀବନ ଚିତ୍ର' କବିତା ସଙ୍କଳନ, 'ଆମେ ଆଗେଇବା ଓ ଅନ୍ୟାନ୍ୟ' ପ୍ରବନ୍ଧ ସଙ୍କଳନ ପ୍ରକାଶ ପାଇଛି ।

## ତୃତୀୟ ପୁସ୍ତକ ଲୋକାର୍ପଣ ପୂର୍ବରୁ ଚାଲିଗଲେ...

ଡକ୍ଟର ପୁଜାରୀଙ୍କ ଦୁଇଟି ପୁସ୍ତକ ତାଙ୍କ ଜୀବଦ୍ଦଶାରେ ପ୍ରକାଶିତ ହୋଇଥିବା ବେଳେ ତୃତୀୟ ପୁସ୍ତକ 'ଆମ ସଂସ୍କୃତି : ଭାବ ଓ ବିଭବ' ପ୍ରବନ୍ଧ ସଂକଳନ ଲୋକାର୍ପଣ ଅପେକ୍ଷାରେ ଥିଲା । ଆସନ୍ତା ୧୧ ତାରିଖ ଦିନ ସମ୍ବଲପୁରରେ ହେବାକୁ ଥିବା ପୁସ୍ତକ ମେଳାରେ ଏହା ଉନ୍ମୋଚନ ହୋଇଥାନ୍ତା । ତାଙ୍କର ଛାତ୍ର ବର୍ତ୍ତମାନର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପୁସ୍ତକ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ଥିଲା । ତେବେ ଏହା ପୂର୍ବରୁ ଡକ୍ଟର ପୁଜାରୀ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra